# ଛାତ୍ରୀଛାତ୍ରଙ୍କୁ ସଚେତନ କରୁଛି କୌଶଳ ରଥ


କୋରାପୁଟରେ ଏସ୍‌ପି ଅଭିନବ ସୋନକାର ସବୁଜ ପତାକା ଦେଖାଇ କୌଶଳ ରଥର ଶୁଭାରମ୍ଭ କରୁଛନ୍ତି।


ନନ୍ଦପୁରରେ କୌଶଳ ରଥକୁ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଉଛି ।

**କୋରାପୁଟ/ସୁନାବେଡ଼ା, ୨୯।୭ (ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ)**

ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ପାଇଁ ମୁଖ୍ୟମନ୍ତ୍ରୀ କୌଶଳ ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ କୋରାପୁଟ ସଦର ମହକୁମାରେ ପହଞ୍ଚିବା ପରେ ଏସ୍‌ପିଙ୍କ କାର୍ଯ୍ୟାଳୟଠାରେ ଏକ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଏସ୍‌ପି ଅଭିନବ ସୋନକାର ମୁଖ୍ୟ ଅତିଥି ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କୌଶଳ ରଥ କୋରାପୁଟ ସହରର ଜିଲାପାଳ କାର୍ଯ୍ୟାଳୟ, ଅନାଥ ଶିଶୁଙ୍କ ଅନୁଷ୍ଠାନ ଆସ୍ଥା, ନବୋଦୟ ବିଦ୍ୟାଳୟ ସମେତ ବିଭିନ୍ନ ସ୍ଥାନ ପରିକ୍ରମା କରିଛି। ରଥ ଛାତ୍ରୀଛାତ୍ରଙ୍କୁ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ କରିବା ସହ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଆଧୁନିକ ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ ଭୂମିକାକୁ ପ୍ରୋତ୍ସାହିତ କରିବ। ଏଥିପାଇଁ ଉଦ୍ଦିଷ୍ଟ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ଯନ୍ତ୍ରପାତି ଯଥା ଡ୍ରୋନ ଟେକ୍ନୋଲୋଜି, ରୋବୋଟିକ୍ ଥ୍ରୀଡି ପେଣ୍ଟିଂ ଆଦି ଉପରେ ସଚେତନ କରିବାକୁ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ, ଏହି ରଥ ୩୦ ତାରିଖ ଯାଏ ଜିଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ସଚେତନ କରିବ।

ନନ୍ଦପୁର ବ୍ଲକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କୌଶଳ ରଥକୁ ସ୍ୱାଗତ କରାଯାଇଛି। ନନ୍ଦପୁର ବୈଷୟିକ ତାଲିମ କେନ୍ଦ୍ର ନିକଟରେ ତାଲିମ କେନ୍ଦ୍ରର ଛାତ୍ରୀଛାତ୍ର, କର୍ତ୍ତୃପକ୍ଷ, ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ତହସିଲଦାର ଅନାଦି ଚରଣ ସାହୁ ପ୍ରମୁଖ ରଥକୁ ସାଗତ କରିଥିଲେ। ଛାତ୍ରୀଛାତ୍ରମାନେ ରଥରେ ସ୍ଥାନ ପାଇଥିବା କୌଶଳଭିତ୍ତିକ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ପରେ ରଥଟି ସିନ୍ଧେଦେବୀ କନିଷ୍ଠ ଓ ସ୍ନାତକ ମହାବିଦ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ରଥକୁ ସାଗତ କରିଥିଲେ। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ର ଛାତ୍ରୀଛାତ୍ରଙ୍କୁ ଡ୍ରୋନ ଟେକ୍ନୋଲୋଜି, ରୋବଟିକ୍ସ ଓ ଥ୍ରୀଡି ପ୍ରିଣ୍ଟିଂ ଭଳି ବିଭିନ୍ନ ପ୍ରକାରର ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ସମସ୍ତ ଯନ୍ତ୍ରପାତି ସମ୍ପର୍କରେ ଉପସ୍ଥିତ

ଅତିଥି ଜିଲା କର୍ମ ନିୟୋଜନ ଅଧିକାରୀ ଶୁଭେନ୍ଦୁ ମିଶ୍ର, ଯୁକ୍ତ ୨ ଅଧ୍ୟକ୍ଷା ବୈଜୟନ୍ତୀ ସାମଲ ଓ ଯୁକ୍ତ ୩ ଅଧ୍ୟକ୍ଷ ଅମର ମହାପାତ୍ର ବୁଝାଇଥିଲେ। ଏହି ଅବସରରେ ଗୁଗଲ ୱେବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ପ୍ରିୟଙ୍କା ଖିଲ ପ୍ରଥମ, ସିତୁ ଖିଲ ଦିତୀୟ ଓ ମନୋଜ ଖରା ତୃତୀୟଙ୍କୁ ଜିଲା ପ୍ରଶାସନ ଏବଂ ଜିଲା ଦକ୍ଷତା ବିକାଶ ନିୟୋଜନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ରବି ଶତପଥୀ, ସନ୍ତୋଷ ପଟ୍ଟନାୟକ, ଆଲଫ୍ରେଡ ଉଇଲିୟମ ଡୁରୁକ, ସ୍ନେହଲତା ସେଠୀ,ଏମ. ଜୟାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମେଡିକାଲରୁ ମୃତଦେହ ଉଭାନ

**କୋରାପୁଟ,୨୯।୭(ଅମିତାଭ ବେହେରା)**

■ ହୃଦ୍‌ଘାତରେ କାଉଡ଼ିଆଙ୍କ ମୃତ୍ୟୁ
■ ଘଟଣାର ତଦନ୍ତ କରାଯିବ: ହସ୍ପିଟାଲ ଅଧୀକ୍ଷକ

ଶ୍ରାବଣ ମାସରେ ପାଣିଲାଗି କରିବା ପାଇଁ ଆସିଥିବା ବେଳେ ହୃଦ୍‌ଘାତରେ ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ତେବେ ଚିକିତ୍ସା ପାଇଁ ଅଣାଯାଇଥିବା ସମ୍ପୃକ୍ତ କାଉଡ଼ିଆଙ୍କ ମୃତଦେହ ମେଡିକାଲରୁ ଉଭାନ ହୋଇଯାଇଛି। ଏ ନେଇ ମେଡିକାଲ ପକ୍ଷରୁ ତନାଘନା ଚାଲିଛି। ଘଟଣାର ତଦନ୍ତ ହେବ ବୋଲି ଅଧୀକ୍ଷକ କହିଛନ୍ତି।

ଖବରରୁ ଜଣାପଡିଛି, ବରଗଡ଼ ଜିଲା ବରପାଲି ଅଞ୍ଚଳର ସୁକେଶ ଦୀପ (୨୧) କୋରାପୁଟ ଶୈବପୀଠରେ ପାଣିଢାଳିବା ପାଇଁ ସାଙ୍ଗମାନଙ୍କ ସହିତ ଆସିଥିଲେ। ସାଙ୍ଗମାନଙ୍କ ସହ ପାଣି ଭାର ଧରି ସୁକେଶ ଚାଲି ଚାଲି ଯାଉଥିବା ବେଳେ ହଠାତ ଟଳିପଡିଥିଲେ । ସଙ୍ଗେ ସଙ୍ଗେ ସାଙ୍ଗମାନେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ମେଡିକାଲରୁ ଉଭାନ ହୋଇଯାଇଥିଲା। ସୁକେଶଙ୍କୁ ମେଡିକାଲକୁ ଆଣିଥିବା ସାଙ୍ଗମାନଙ୍କ ମଧ୍ୟ ଦେଖା ମିଳି ନ ଥିଲା। ମେଡିକାଲରୁ ଏପରି ମୃତଦେହ ଉଭାନ ହେବା ପରେ ଏହାର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ କାଉଡିଆଙ୍କ ମୃତ୍ୟୁ ପରେ ମେଡିକାଲ କର୍ତ୍ତୃପକ୍ଷ କାହିଁକି ଥାନାକୁ ଜଣାଇ ନ ଥିଲେ । ଏତେ ସୁରକ୍ଷା କର୍ମୀ ନିୟୋଜିତ ଥିବା ସତ୍ତ୍ୱେ ମୃତଦେହ କିପରି ଉଭାନ ହୋଇଗଲା ସେ ନେଇ ବିଭିନ୍ନ ଆଲୋଚନା ହେଉଛି। ଏନେଇ ମେଡିକାଲ କଲେଜ ଓ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଶାନ୍ତ ସାହୁଙ୍କୁ ପଚାରିବାରୁ ଏ ନେଇ ଏକ କମିଟି ଗଠନ କରାଯାଇ ଘଟଣାର ତଦନ୍ତ ହେବ। ଏଥିସହ ସେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅବିଭକ୍ତ କୋରାପୁଟ ଜିଲାର ୪ଟି ଜିଲ୍ଲା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟରୁ ପ୍ରତ୍ୟହ ବହୁ ସଂଖ୍ୟାରେ ରୋଗୀ ଆସିଥାନ୍ତି।

# ଜୟପୁର, ବୈପାରିଗୁଡାରେ ଅଭିଯୋଗ ଶୁଣାଣି


ବୈପାରିଗୁଡାରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

**ଜୟପୁର/ବୈପାରିଗୁଡା ୨୯।୭ (ପବନ ପାଣିଗ୍ରାହୀ/କଳ୍ପତରୁ ମହାନ୍ତି)**

**୧୫୬ ଅଭିଯୋଗ ଶୁଣିଲେ ଜିଲାପାଳ**

କୋରାପୁଟ ଜିଲା ଜୟପୁର ଓ ବୈପାରିଗୁଡା ବ୍ଲକ୍‌ରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଜୟପୁରର ଗଡ଼ପଦରଠାରେ ହୋଇଥିବା ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ନିଜ ଅଭିଯୋଗ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ। ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ଓ ଜମିଜମା ବିବାଦ ସମ୍ପର୍କିତ ଅଭିଯୋଗମାନେ ଆସିଥିଲା। ଅଧିକାରୀମାନେ ଅଭିଯୋଗଗୁଡ଼ିକର ଶୁଣାଣିକରି ବିଭିନ୍ନ ସରକାରୀ ଯୋଜନାରୁ ଗ୍ରାମବାସୀ କିପରି ଉପକୃତ ହେବେ ସେ ନେଇ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡା, ସରପଞ୍ଚ, ସମିତିସଭ୍ୟା, ଜିଆର୍‌ଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହର୍ଟିକଲ୍‌ଚର, କୃଷି ବିଭାଗ, ଯୋଗାଣ ସହାୟକ ସହ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡିକ ଶୁଣିଥିଲେ।

ବୈପାରିଗୁଡାରେ ସ୍ଥାନୀୟ ବ୍ଲକ ଅଫିସ୍ ସଭାଗୃହରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତିଭାସନ ଅଭିଯୋଗ ଶୁଣାଣି କରିଥିଲେ। ଶୁଣାଣି ପାଇଁ ୧୫୬ଟି ଅଭିଯୋଗ ଆସିଥିଲା। ସେଥିରୁ ୧୪୦ଟି ବ୍ୟକ୍ତିଗତ ଓ ୧୬ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ରାସ୍ତାଘାଟ ସମାସ୍ୟା, ଟ୍ରଫିକ୍ ସମାସ୍ୟା, ଆବାସ ଗୃହ, ବାର୍ଦ୍ଧକ୍ୟ ଭତ୍ତା, ସ୍ଥାନୀୟ ନୋଡାଲ ପ୍ରାଥମିକ ବିଦ୍ୟାଳୟ ଜାଗା ସମାସ୍ୟା ଉପରେ ଅଭିଯୋଗଗୁଡିକ ରହିଥିଲା। ଏହି ଅବସରରେ ଜିଲାପାଳ ୫୦ ଲକ୍ଷ ଟଙ୍କାର ଋଣ ସହାୟତା ପ୍ରଦାନ କରିଥିଲେ। ଜିଲାପାଳଙ୍କ ସମେତ ଜିଲାର ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଶୁଣାଣି ବେଳେ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ ବିଡିଓ ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

# ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଦୁଇ ବର୍ଷ ଜେଲ୍

ମାମଲାର ୨୬ ବର୍ଷ ପରେ ରାୟ ପ୍ରକାଶ

**ଜୟପୁର, ୨୯।୭(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ସୋମବାର ଏକ ମାମଲାର ରାୟ ଶୁଣାଣି କରି ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ତ୍ରିଲୋଚନ ମାଝୀଙ୍କୁ ଦୁଇ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ଅର୍ଥ ଅନାଦେୟ ହେଲେ ଅଧିକ ଛଅ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ସ୍ପଷ୍ଟ ମାମଲାର ବିବରଣୀରୁ ଜଣାପଡିଛି, ଗତ ୧୯୯୮ ଜୁନ୍ ୪ ତାରିଖରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ କେଶ୍ ୨୪ରେ ଏକ ମାମଲା ରୁଜୁ କରିଥିଲା। ଏହା ଏକାଧିକ ସରକାରୀ ଅଧିକାରୀଙ୍କ ବିରୋଧରେ ରହିଥିଲା । ଏଥିର ଦୋଷୀଙ୍କ ବିରୋଧରେ ପିସି ଆକ୍ଟ ୧୩(୧)(ସି) ସହ ଆଇପିସିର ୪୨୦/୪୬୮/୪୭୧/୪୭୭-ଏ/୩୭୯/୨୧୮/୧୧୯/୧୨୦-ବି ଅନୁସାରେ ୨୦୦୯ ଜାନୁଆରୀ ୨୯ରେ ଚାର୍ଜସିଟ୍ ଦାଖଲ ହୋଇଥିଲା । ଅଭିଯୋଗ ଅନୁସାରେ କାଗଜପତ୍ର ଜାଲିଆତି କରାଯାଇ ସରକାରୀ ଜମି ଦଖଲକାରୀଙ୍କୁ ମୂଲ୍ୟବାନ ଗଛ କାଟିବାକୁ ଅନୁମତି ପ୍ରଦାନ କରାଯାଇଥିଲା । ଯେଉଁଥିରେ ୫୧ ଲକ୍ଷ ୫୦ ହଜାର ୯୮୨ ଟଙ୍କା ସରକାରଙ୍କୁ ଆର୍ଥିକ କ୍ଷତି ପହଞ୍ଚିଥିଲା । ଏହି ମାମଲାରେ ପୂର୍ବରୁ ଦୁଇ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ଜଣେ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକ ମାଝୀ ଅଦାଲତରେ ଅନୁପସ୍ଥିତ ରହିଥିଲେ ଯଦ୍ୱାରା ମୂଳ ମାମଲାରୁ ମାଝୀଙ୍କ ମାମଲା ଗତବର୍ଷ ଏପ୍ରିଲ୍ ୨୧ରେ ଅଲଗା ହୋଇଥିଲା । ପରେ ସେ ଗତବର୍ଷ ଜୁଲାଇ ୨୨ରେ କୋର୍ଟରେ ଆତ୍ମସମର୍ପଣ କରି ଜାମିନ୍‌ରେ ଯାଇଥିଲେ । ସୋମବାର ଏହି ମାମଲାର ରାୟ ଶୁଣାଇ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ଉପରୋକ୍ତ ରାୟ ଶୁଣାଇଛନ୍ତି । ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ତତ୍କାଳୀନ ଡିଏଫ୍‌ଓ ବି.କେ.ଶୁକ୍ଳା ଫେରାର୍ ରହିଥିବା ଜଣାଯାଇଛି । ମାମଲାକୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଶଶୀଧର ପଟ୍ଟନାୟକ ପରିଚାଳନା କରୁଥିଲେ ।


**ଶ୍ରାବଣ ଦ୍ୱିତୀୟ ସୋମବାର:** କୋରାପୁଟ ଜିଲା ବୈପାରିଗୁଡା ବ୍ଲକର ଗୁପ୍ତେଶ୍ୱରଙ୍କ ପୀଠରେ ଜଳଲାଗି ନେଇ କାଉଡ଼ିଆଙ୍କ ଲମ୍ବା ଧାଡ଼ି।

# ୩ କି.ମି. ଭାରରେ ବୁହାହେଲେ ରୋଗୀ

**ଦଶମନ୍ତପୁର,୨୯।୭ (ଅରବିନ୍ଦ ନାୟକ)**

ଗ୍ରାମକୁ ଆସିପାରିଲାନି ଆମ୍ବୁଲାନ୍ସ। ୩ କି.ମି. ଭାରରେ ବୁହାହୋଇ ଡାକ୍ତରଖାନା ଗଲେ ରୋଗୀ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଲୁଲ୍ଲା ପଞ୍ଚାୟତର କୁଦାଲଅଟାଲ ଗ୍ରାମରେ। ଏହି ଗ୍ରାମର ପଦଲାମ ମୁଦୁଲିଙ୍କ ଝିଅ ଅନିତା (୧୧) କିଛି ଦିନ ହେବ ଜ୍ୱରରେ ପୀଡ଼ିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅତି ଦୁର୍ବଳ ହୋଇପଡିବାରୁ ସୋମବାର ପରିବାର ଲୋକେ ଝିଅକୁ ଡାକ୍ତରଖାନା ନେବାକୁ ବାହାରିଥିଲେ। ମାତ୍ର ଲୁଲ୍ଲାଠାରୁ କୁଦାଲଅଟାଲ ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମକୁ ୧୦୮ ଆମ୍ବୁଲାନ୍ସ ଆସି ନ ପାରି ଲୁଲ୍ଲା ଛକରେ ଅପେକ୍ଷା କରିଥିଲା। ପରିବାର ଲୋକେ ଭାରରେ ଘାଣ୍ଟାଗୁଡା ଗ୍ରାମ ଦେଇ ପ୍ରବାହିତ ହେଉଥିବା ବଡ଼ଝୋ ନଦୀ ପାର କରାଇ ଲୁଲ୍ଲା ଛକ ଯାଏ ବୋହି ଆଣି ସେଠାରେ ଅପେକ୍ଷାରତ ଆମ୍ବୁଲାନ୍ସରେ ଦଶମନ୍ତପୁର ଡାକ୍ତରଖାନା ଆଣିଥିଲେ। ଏବେ ଅନିତା ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। କୁଦାଲଅଟାଲ ଗ୍ରାମରେ ୮୦ ପରିବାର ବସବାସ କରନ୍ତି। ଗ୍ରାମକୁ ଲୁଲ୍ଲାଛକରୁ ରାସ୍ତା ନ ଥିବାରୁ ଗ୍ରାମବାସୀ ଦୀର୍ଘ ବର୍ଷ ହେଲା ଦୁର୍ଦ୍ଦଶା ଭୋଗୁଛନ୍ତି। ସବୁବେଳେ ଯେକୌଣସି ରୋଗୀଙ୍କୁ ଏପରି ଭାରରେ ବୋହି ଡାକ୍ତରଖାନା ନେବାକୁ ପଡୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଜିଲା ପ୍ରଶାସନଠାରୁ ଆରମ୍ଭକରି ବିଭିନ୍ନ ସମୟରେ ଜନ ପ୍ରତିନିଧିମାନଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି ସେମାନେ କହିଛନ୍ତି। ବଡ଼ଝୋ ନଦୀରେ ଏକ ପୋଲ ନିର୍ମାଣକରି ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମର ଚୈତନ୍ୟ ମୁଦୁଲି, ଭିଙ୍ଗୁ ଦିଶାରୀ, ସାରିଆ ମୁଦୁଲିଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସିଏଚ୍‌ସିକୁ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ଦାବି

**ଜୟପୁର, ୨୯।୭ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ନିର୍ବାଚନ ମଣ୍ଡଳୀର ବୋରିଗୁମ୍ମା ସିଏଚ୍‌ସିକୁ ଉପଖଣ୍ଡ ଚିକିତ୍ସାଳୟ ମାନ୍ୟତା ଦେବାକୁ ଦାବି ହୋଇଛି। ବୋରିଗୁମ୍ମା ସିଏସ୍‌ସିକୁ କୁମୁଲି ବି.ସିଂହପୁରକୁ ନେବା ସହ ଏହାକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ଦେବାକୁ ବିଧାନସଭାରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସୋମବାର ଦାବି କରିଛନ୍ତି।

# ସ୍ୱାସ୍ଥ୍ୟସେବା ଶିବିର

**କୋରାପୁଟ,୨୯।୭(ଅମିତାଭ ବେହେରା)**

ଶ୍ରୀରାମକୃଷ୍ଣ ବିଦ୍ୟାମନ୍ଦିରରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଡିପ୍‌ଥେରିଆ ଓ ଟିଟାନସ୍ ରୋଗର ସଂକ୍ରମଣ ରୋକିବାକୁ ଛାତ୍ରୀଛାତ୍ର ମାନଙ୍କୁ ପ୍ରତିଷେଧକ ଇଞ୍ଜେକ୍ସନ ଦିଆଯାଇ ଥିଲା। ବିଦ୍ୟାମନ୍ଦିରର ଅଧ୍ୟକ୍ଷା ତପସ୍ୱିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଶିକ୍ଷୟିତ୍ରୀ ସୁସ୍ମିତା ପ୍ରିୟଦର୍ଶିନୀ, ଉଷାରାଣୀ ପଣ୍ଡା, ପ୍ରମିଳା ନାହାକ, ସ୍ୱରୂପା ପଟ୍ଟନାୟକ ସହଯୋଗ କରିଥିଲେ।

# ୧୨ ବ୍ୟବସାୟୀଙ୍କୁ ଜବରଦଖଲରୁ ହଟାଇଲା ପୌର ପରିଷଦ

**ଜୟପୁର, ୨୯।୭ (ପବନ ପାଣିଗ୍ରାହୀ)**

ଜୟପୁର ମୁଖ୍ୟ ରାସ୍ତାରେ ଥିବା ୧୨ଟି ଦୋକାନକୁ ସୋମବାର ଜୟପୁର ପୌରପାଳିକା ଉଚ୍ଛେଦ କରିଛି। ଏହି ବ୍ୟବସାୟୀମାନେ ରାସ୍ତାପାର୍ଶ୍ୱକୁ ଜବରଦଖଲକରି ବ୍ୟବସାୟ କରୁଥିଲେ। ବିକ୍ରମଦେବ ଚାରୁକାରୁ କଳା ବିଦ୍ୟାଳୟର ମୁଖ୍ୟ ଗେଟ୍‌ର କାନ୍ଥ ପାର୍ଶ୍ୱରେ ପୌରପାଳିକାର ଡ୍ରେନ୍ ଉପରେ ଏହିସବୁ ଫଳ ଓ ମିଠାଦୋକାନ ରହିଥିଲା। ସମ୍ପୃକ୍ତ ଦୋକାନଗୁଡିକୁ ଏଠାରୁ ହଟାଇବା ଲାଗି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି ୧୨ଟି ଦୋକାନକୁ ଉଚ୍ଛେଦ କରାଯାଇଛି ।

# ଖୁବ୍‌ଶୀଘ୍ର ତାରିଖ ଘୋଷଣା ସହ ନିର୍ବାଚନ ହେବ: ଡୁଡା ଅଧିକାରୀ

**ସୁନାବେଡ଼ା/ସେମିଳିଗୁଡ଼ା,୨୯।୭(କୃତ୍ତିବାସ ପ୍ରଧାନ /ବାସୁଦେବ ବରାଡ଼)**

**ସୁନାବେଡ଼ା ପୌର ଉପାଧ୍ୟକ୍ଷାଙ୍କ ବିରୋଧରେ କାଉନସିଲରଙ୍କ ଅଭିଯୋଗ ଘଟଣା**

ସୁନାବେଡ଼ା ପୌର ପରିଷଦ ଉପାଧ୍ୟକ୍ଷା ରିତୁ କଣ୍ଠାଙ୍କ ବିରୋଧରେ ଚଳିତ ମାସ ୪ ତାରିଖରେ ପରିଷଦର ୧୮ କାଉନସିଲର କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିକଟରେ ଅଭିଯୋଗ କରିଥିଲେ। ନିଜ ପଦବୀର ଅପବ୍ୟବହାର ଓ କାଉନସିଲରମାନଙ୍କୁ ଦୁର୍ବ୍ୟବହାର ସମ୍ପର୍କରେ କାଉନସିଲରମାନେ ନିଜ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଏହାକୁ ବିଚାରକୁ ନେଇ ପୌର ଉପାଧ୍ୟକ୍ଷା ରିତୁ ଆଗାମୀ ଦିନରେ ପଦବୀରୁ ହଟିପାରନ୍ତି ଆଲୋଚନା ହେଉଛି। ଏନେଇ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଡୁଡା)ର ଅଧିକାରୀ ଦେବୀ ପ୍ରସାଦ ଟାଲି କହିଛନ୍ତି, ଏନେଇ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରି ନିର୍ବାଚନ କରାଯିବ। ଗତ ୨ବର୍ଷ ମଧ୍ୟରେ ଏକାଧିକବାର ଉପାଧ୍ୟକ୍ଷା ରିତୁଙ୍କ ସହ କାଉନସିଲରମାନଙ୍କ ଯୁକ୍ତିତର୍କ ହୋଇଛି। ଏପରିକି ଉପାଧ୍ୟକ୍ଷାଙ୍କ ସ୍ୱାମୀ ଓ ବାପା ମିଶି ଜଣେ କାଉନସିଲରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଏବଂ ଏବେ ଏନେଇ ଅଦାଲତରେ ମାମଲା ଚାଲିଥିବା କାଉନସିଲରମାନେ ସେମାନଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି।

# ଗୋଷ୍ଠୀ ସମ୍ପୃକ୍ତି ଦିବସ ପାଳିତ

**କୋରାପୁଟ,୨୯।୭(ଅମିତାଭ ବେହେରା)**

ଶିକ୍ଷା ସପ୍ତାହର ଶେଷ ଦିବସ ଗୋଷ୍ଠୀ ସମ୍ପୃକ୍ତି ଦିବସ ରୂପେ କୋରାପୁଟ ଶିକ୍ଷା ବ୍ଲକ୍ ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକରେ ସୋମବାର ପାଳିତ ହୋଇଯାଇଛି। ପୁରାତନ ଛାତ୍ରୀଛାତ୍ର, ଅଭିଭାବକ, ସରକାରୀ ଓ ବେସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦ୍ୟାଞ୍ଜଳି ପୋର୍ଟାଲ ଜରିଆରେ ବିଦ୍ୟାଳୟ ସହ ଯୋଡ଼ିବା ଏବଂ ବିଦ୍ୟାଳୟର ଉନ୍ନତୀକରଣ ଉପରେ ଏହି ଅବସରରେ ଆଲୋଚନା ହୋଇଥିଲା। ବଡ଼ଚିନ୍ଦ୍ରି ଓ ସାନଚିନ୍ଦ୍ରି ବିଦ୍ୟାଳୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପାତ୍ର ଯୋଗଦେଇଥିଲେ। ବଡ଼ଚିନ୍ଦ୍ରି ବିଦ୍ୟାଳୟରେ ନନ୍ଦିତା ମିଶ୍ର ଓ ସୁକୁମାର ସେନ୍, ସାନଚିନ୍ଦ୍ରି ବିଦ୍ୟାଳୟରେ ସୁଭାଗନୀ ରଥ ଓ ସ୍ମିତାରାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ପଠାଇଲେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ

**ଜୟପୁର,୨୯।୭(ପବନ ପାଣିଗ୍ରାହୀ)**

ଜିଲା ଆଇନସେବା ପ୍ରାଧିକରଣ ସଚିବ ସୁମନ ଜେନା ଦୁର୍ଘଟଣାଗ୍ରସ୍ତ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଶନିବାର ସନ୍ଧ୍ୟାରେ ସେ ଜିଲା ଜଜ ତଥା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟାନାରାୟଣ ମିଶ୍ରଙ୍କ ସହ ଜିଲା କୋର୍ଟରୁ ବାରିଣିପୁଟ ସର୍କିଟ ହାଉସ୍‌କୁ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ବାରିଣିପୁଟ ରାସ୍ତା କଡରେ ଜଣେ ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ଜିଲା ଜଜ୍ ମିଶ୍ରଙ୍କ ଅନୁମତି କ୍ରମେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି କୋରାପୁଟ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ଆମ୍ବୁଲାନ୍ସ ମଗାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କର ଜରୁରୀକାଳୀନ ଚିକିତ୍ସା ପରେ ମେଡ଼ିକାଲ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ରବିବାର ସଚିବଙ୍କ ନିର୍ଦ୍ଦେଶରେ ପାରାଲିଗାଲ ସ୍ୱେଚ୍ଛାସେବୀ ରାଜଫୁଲକ ମହାନ୍ତି ଡାକ୍ତରଖାନାରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତି ହେଉଛନ୍ତି ପ୍ରଭୁଦାନ ବାଗ, କୋରାପୁଟ ଜିଲାର ମୁଜାଙ୍ଗା ଗ୍ରାମରେ ତାଙ୍କ ଘର ବୋଲି ମହାନ୍ତି ଜାଣିବାକୁ ପାଇଥିଲେ। ସେ ସୁସ୍ଥ ହେବା ପରେ ଡାକ୍ତରଖାନାରୁ ଘରକୁ ଫେରିଥିବା ନେଇ ମହାନ୍ତି ସଚିବ ଜେନାଙ୍କୁ ଜଣାଇଥିଲେ।

# ପାନୀୟ ଜଳ, ରାସ୍ତା ସମସ୍ୟାକୁ ଗୁରୁତ୍ୱ

**ପଟ୍ଟାଙ୍ଗି,୨୯।୭(ଶରତ ଧଳ)**

**ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଚନ୍ଦକା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ବ୍ଲକ୍ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁକାନ୍ତ ପଟ୍ଟନାୟକ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ୩୩ଟି ଅଭିଯୋଗର ଶୁଣାଣି କରିଥିଲେ। ଆସିଥିବା ଅଭିଯୋଗ ମଧ୍ୟରୁ ପାନୀୟଜଳ ଏବଂ ରାସ୍ତା ସମସ୍ୟାଭିତ୍ତିକ ରହିଥିଲା। ଅନ୍ୟ କିଛି ଲୋକ ନିଜର ଘର ନ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଆସିଥିବା ପାନୀୟଜଳ ଏବଂ ରାସ୍ତା ନେଇ ରହିଥିବା ସମସ୍ୟା ଉପରେ ବିଡିଓ ପଟ୍ଟନାୟକ ଗୁରୁତ୍ୱାରୋପକରି ପଞ୍ଚାୟତ ସ୍ତରରେ ରହିଥିବା ସମ୍ପୃକ୍ତ ବ୍ୟବସ୍ଥାର ଅଧିକାରୀମାନଙ୍କୁ ଯେଉଁଠି ରାସ୍ତା ଓ ପାନୀୟଜଳ ସମସ୍ୟା ରହିଛି ତୁରନ୍ତ ଅନୁଧ୍ୟାନକରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ନିଜ ଘର ନ ଥିବା ସମ୍ପର୍କରେ ଆସିଥିବା ଅଭିଯୋଗକୁ ବିଡିଓ ପଞ୍ଚାୟତର ପିଇଓଙ୍କୁ ଏହାର ତଦନ୍ତକରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଆସିବା ପରେ ଜିଲା ପ୍ରଶାସନ ନିକଟକୁ ମଞ୍ଜୁର ପାଇଁ ପଠାଯିବ ବୋଲି ନିଜ ଘର ନ ଥିବା ନେଇ ଜଣାଇଥିବା ବ୍ୟକ୍ତିମାନଙ୍କୁ ବୁଝାଇଥିଲେ। ଶୁଣାଣିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ , ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଭାକର ଖଟୁଆ, ଏଇଇ ବିଶ୍ୱନାଥ ମାଦିଲି, ବିଏସ୍‌ଏସ୍‌ଓ ସୁଧୀର ସାହୁ, ଜିପିଓ ଦାୟିତ୍ୱରେ ଥିବା ପିଇଓ ଦିବାକର ପୁରୋହିତଙ୍କ ସହ ପଞ୍ଚାୟତର ସରପଞ୍ଚ ଦେବକୀ ଗଣ୍ଡ, ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ରେଳ ଡିଭିଜନ କାର୍ଯ୍ୟାଳୟ ପାଇଁ ସ୍ଥାନ ନିରୂପଣ

ରାୟଗଡ଼ା,୨୯।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ାରେ ରେଳ ଡିଭିଜନ ନିର୍ମାଣ ପାଇଁ ଗତ ୨୬ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୭୦ କୋଟି ଟଙ୍କା ଅନୁଦାନ ଘୋଷଣା ପରେ ରେଲୱେ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାୟଗଡ଼ାଠାରେ ରେଳ ଡିଭିଜନ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରାଯାଇଛି । ଖୁବ୍‌ଶୀଘ୍ର ରେଳ ଡିଭିଜନ ପାଇଁ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ନିମନ୍ତେ ଟେଣ୍ଡର ଆହ୍ୱାନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଏକ ବୈଷୟିକ କମିଟି ଗଠନକରି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।




ରାୟଗଡ଼ା ରେଳ ଡିଭିଜନ ଘୋଷଣାର ୫ ବର୍ଷ ପରେ ମନ୍ତ୍ରୀଙ୍କ ଅନୁଦାନ ଘୋଷଣା ଏବଂ ସ୍ଥାନ ନିରୂପଣ ଅବିଭକ୍ତ କୋରାପୁଟ ଜିଲାବାସୀଙ୍କ ମନରେ ଖୁସି ଭରି ଦେଇଛି। ରେଳ ଡିଭିଜନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୨୫.୭୮ ଏକର ଜମି ଚିହ୍ନଟ କରାଯାଇଛି। ଏଥିରେ ମୁଖ୍ୟ କାର୍ଯ୍ୟାଳୟଠାରୁ ଆରମ୍ଭକରି ଆର୍‌ପିଏଫ୍ ବାରାକ, ସ୍ୱାସ୍ଥ୍ୟକେନ୍ଦ୍ର, ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ, ମେକାନିକାଲ ସେକ୍ସନ ପାଇଁ ଏହି ଜମି ବ୍ୟବହାର ହେବ। ସାଇଟ-୧ରେ ୫୦.୭୨, ସାଇଟ୍-୨ରେ ୩୮.୭୬, ସାଇଟ୍-୩ ରେ ୯.୪୧, ସାଇଟ୍-୪ ରେ ୧୫.୯୧, ସାଇଟ୍-୫ ରେ ୮.୮୮, ସାଇଟ-୬ ରେ ୧.୭୨ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୦.୩୮ ଏକର ଜମି ଚିହ୍ନଟ ହୋଇଛି। ଜାତୀୟ ରାଜପଥ ୩୨୬ କଡ଼ର ଏଫ୍‌ସିଆଇ ଛକଠାରୁ ଆରମ୍ଭକରି ରୟତ କଲୋନି ଦେଇ ରାମକୃଷ୍ଣନଗର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟାଳୟ ସ୍ଥାପନ କରାଯିବ। ମୁଖ୍ୟ କାର୍ଯ୍ୟାଳୟ ବ୍ୟତୀତ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଆହୁରି ୫୦୦ ଏକର ଜମିରେ ନିର୍ମାଣ କାର୍ଯ୍ୟ ହେବ ବୋଲି ସୂଚନା ମିଳିଛି। ଲାଡ୍ଡା ରେଳ ଷ୍ଟେଶନଠାରୁ ଆରମ୍ଭକରି ରାୟଗଡ଼ା ଦେଇ ଜେକେପୁର ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରାଯିବ। ସେହିଭଳି ଖଲିଗୁଡ଼ା ନିକଟରେ ରେଳ ରହଣି ଓ ସଫେଇ ପାଇଁ ସ୍ଥାନ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ତେବେ ରେଳ ଡିଭିଜନ କାର୍ଯ୍ୟାଳୟ ପାଇଁ ୪୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଡିପିଆର୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ମଧ୍ୟ ସରିଛି। ହେଲେ ଟେଣ୍ଡର ପରେ ସମ୍ପୂର୍ଣ୍ଣ ରୂପରେଖ ଜଣାପଡ଼ିବ। ପ୍ରଥମ ପର୍ଯ୍ୟାୟରେ ୭୦ କୋଟି ଟଙ୍କା ମିଳିଥିବା ବେଳେ ବଳକା ଅନୁଦାନ ପରବର୍ତ୍ତୀ ପର୍ଯ୍ୟାୟରେ ମିଳିବ।

ପ୍ରକାଶ ଥାଉକି, ପୂର୍ବରୁ ଜଣେ ନୋଡାଲ ଅଧିକାରୀ ନିଯୁକ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ରେଳ ବିଭାଗ ତାହା ପ୍ରତ୍ୟାହାର କରି ନେଇଥିଲା। ତେବେ ବର୍ତ୍ତମାନ ପୁନର୍ବାର ନୋଡାଲ ଅଧିକାରୀଙ୍କ ସମେତ ସ୍ୱତନ୍ତ୍ର ଯନ୍ତ୍ରୀଙ୍କୁ ନିଯୁକ୍ତି କରାଯିବ ବୋଲି ସୂଚନା ମିଳିଛି। ଏହି ରେଳ ଡିଭିଜନ ନିର୍ମାଣ କେବେ ଆରମ୍ଭ ହେଉଛି ଏବଂ ଏହା କେବେ କାର୍ଯ୍ୟକ୍ଷମ ହେବ ତା' ଉପରେ ସମସ୍ତଙ୍କ ନଜର ରହିଛି ।

## ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ




ଓଡ଼ିଶା ରାଇଫଲ ମହାସଂଘ ପକ୍ଷରୁ ଧର୍ମେନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଧର୍ମେନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୯।୭:

ଉତ୍କଳ କରାଟେ ସ୍କୁଲ ଏବଂ ଓଡ଼ିଶା ରାଇଫଲ ମହାସଂଘ ମିଳିତ ଆନୁକୂଲ୍ୟରେ ୧୩ତମ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ନିକଟରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାୟଗଡା କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ପ୍ରବନ୍ଧକ ଧର୍ମେନ୍ଦ୍ର ସାହୁ ଓପନ ସାଇଟ୍ ୫୦ ମିଟର ରାଇଫଲ ୩ପି (ପୁରୁଷ) ବିଭାଗରେ ସ୍ୱର୍ଣ୍ଣ ପଦକ ଏବଂ ଓପନ ସାଇଟ୍ ୫୦ ମିଟର ରାଇଫଲ ପ୍ରୋନ୍ (ପୁରୁଷ) ବିଭାଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏପରିକି ଏହି ସଫଳତା ପାଇଁ ସାହୁଙ୍କୁ ଓଡ଼ିଶା ରାଇଫଲ ମହାସଂଘ ପକ୍ଷରୁ ସମ୍ମାନିତ କରାଯାଇଛି।

## ୧୩ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୨୯।୭(ଆଶିଷ ରଞ୍ଜନ ପଣ୍ଡା)

ବେଆଇନ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ପୋଲିସ ରାୟଗଡ଼ା ରେଳ ଷ୍ଟେଶନ ନିକଟରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୁଡ଼ାରି ଥାନା ଅନ୍ତର୍ଗତ ସର୍ଗିଗୁଡ଼ା ଗ୍ରାମର ଚନ୍ଦନ ଉଲାକା(୨୬)। ଚନ୍ଦନଙ୍କ ନିକଟରୁ ପୋଲିସ ୧୩ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ୍ ଏବଂ ୧୫୦୦ ଟଙ୍କା ନଗଦ ଜବତ କରିଛି । ଘଟଣାରୁ ପ୍ରକାଶ ଯେ, ପୋଲିସ ପାଟ୍ରୋଲିଂ ବେଳେ ଚନ୍ଦନ ରାୟଗଡ଼ା ରେଳ ଷ୍ଟେଶନ ନିକଟରେ ଏକ ଜରି ବ୍ୟାଗ ଧରି ବୁଲୁଥିଲେ । ପୋଲିସର ସନ୍ଦେହ ହେବାରୁ ପଚରାଉଚୁରା କରିବା ସହ ସେ ଧରିଥିବା ଜରି ବ୍ୟାଗକୁ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା । ପୋଲିସ ଚନ୍ଦନଙ୍କୁ ଗିରଫ କରି ରାୟଗଡ଼ା ଥାନାରେ କେସ୍ ନଂ ୨୫୧ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି ।




ଗିରଫ ଅଭିଯୁକ୍ତ।

## ୬୪ ବ୍ୟକ୍ତିଗତ, ୩୨ ସାମୂହିକ ଅଭିଯୋଗ ଶୁଣିଲେ ଜିଲାପାଳ




ଜିଲାପାଳ ଜଣେ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ବାବଦକୁ ଚେକ୍ ପ୍ରଦାନ କରୁଛନ୍ତି।

ରାୟଗଡ଼ା,୨୯।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ପଞ୍ଚାୟତ ସମିତି ସଦ୍‌ଭାବନା ଗୃହଠାରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୋଟ ୯୬ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୬୪ଟି ବ୍ୟକ୍ତିଗତ ଓ ୩୨ଟି ସାମୂହିକ ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ମହାଜନ ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦ହଜାର ଟଙ୍କା ଏବଂ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ଶୁଣାଣି ପ୍ରକୋଷ୍ଠରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ସନ୍ତୋଷୀ କୁଲେସିକା, ଏସ୍‌ପି ହରିଶ ବିସି, ଡିଏଫ୍‌ଓ ସଚିନ ଆନ୍ନା ସାହେବ ଓହେଲ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଅଭିଯୋଗ ପାଇବା ପରେ ଜିଲାପାଳ ମନୋଜ ମହାଜନ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଖେଦାପଡ଼ା ଗ୍ରାମର ବିଭିନ୍ନ ହିତାଧିକାରୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା । ଏହାପରେ ପଞ୍ଚାୟତ କାର୍ଯ୍ୟାଳୟରେ ମିଶନ ଶକ୍ତି, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟ ବିଭାଗ ଦ୍ୱାରା ଖୋଲାଯାଇଥିବା ଷ୍ଟଲ୍‌ମାନଙ୍କରେ ବିଭାଗର ବିଭିନ୍ନ କାର୍ଯ୍ୟ ଓ ଯୋଜନାର ସୂଚନା ପ୍ରଦାନ କରାଯାଇଥିଲା। ଏହାପରେ ଜିଲାପାଳ ମନୋଜ ମହାଜନ ହିତାଧିକାରୀଙ୍କୁ ଜମି ପଟ୍ଟା, ମୃତ୍ତିକା କାର୍ଡ ଏବଂ ମିଶନ ଶକ୍ତି ସଦସ୍ୟାଙ୍କୁ ପାୱାର ହୁଡ୍ ବଣ୍ଟନ କରିଥିଲେ।

### କୋଲନରାରେ ଯୁଗ୍ମ ଅଭିଯୋଗ ଶୁଣାଣି

## ଜୁଆ ଆଡ୍ଡାରେ ଚଢ଼ାଉ, ୧୩ ଗିରଫ



ଗିରଫ ଅଭିଯୁକ୍ତ, ଜବତ ମୋବାଇଲ ଏବଂ ଟଙ୍କା।

ରାୟଗଡ଼ା,୨୯।୭(ଆଶିଷ ରଞ୍ଜନ ପଣ୍ଡା)

### ୧ ଲକ୍ଷ ୬୦ ହଜାର ଟଙ୍କା, ୧୩ ମୋବାଇଲ, ୬ ବାଇକ୍ ଜବତ

ଜୁଆ ଆଡ୍ଡା ଉପରେ ଅଚାନକ ଚଢ଼ାଉକରି ୧୩ ଜଣଙ୍କୁ ଗିରଫ କରିଛି ଚାନ୍ଦିଲି ପୋଲିସ । ଜୁଆ ଆଡ୍ଡାରୁ ନଗଦ ୧ଲକ୍ଷ ୬୦ହଜାର ୯୦୦ ଟଙ୍କା ଏବଂ ୧୩ଟି ମୋବାଇଲ, ୬ ବାଇକ୍ ଏବଂ ତାସ ଜବତ କରାଯାଇଛି।

ଚାନ୍ଦିଲି ଥାନା ଅନ୍ତର୍ଗତ କର୍ଲାକଣା ଗ୍ରାମ ନିକଟରେ ଏକ ଜୁଆ ଆଡ୍ଡା ଚାଲିଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରବିବାର ରାତି ପ୍ରାୟ ୧୧ଟାରେ ଏଏସ୍‌ଆଇ ଶିବରାମ ସ୍ୱାଇଁଙ୍କ ନେତୃତ୍ୱରେ ଅଚାନକ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ସେଠାରେ ଜୁଆ ଖେଳୁଥିବା ୧୩ ଜଣଙ୍କୁ ଗିରଫକରି ଚାନ୍ଦିଲି ଥାନାରେ ଜିମା ଦିଆଯାଇଥିଲା । ଗିରଫ ଅଭିଯୁକ୍ତଙ୍କ ନାଁରେ ଏସ୍‌ଆଇ ଆଶୁତୋଷ ସାହୁ ଚାନ୍ଦିଲି ଥାନା କେସ୍ ନଂ. ୧୯୦ରେ ମାମଲା ରୁଜୁକରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତ ହେଲେ ରଞ୍ଜିତ ମାଝି, ଦୁର୍ଯ୍ୟୋଧନ ଖୋସଲା, ଅନିଲ ନାୟକ, ସନ୍ତୋଷ ପାତ୍ର, ଆର୍.କିରଣ, ସୁରେଶ ସାରକା, ନାଗେଶ୍ୱର ରାଇ, ଶମ୍ଭୁରୁ କଣ୍ଡାଗରି, ଭି.କିରଣ କୁମାର, ଭି.ରବି, ଆର୍.କିଶୋର, ଭି.ତାଇଡୁ ନାଇଡୁ ଏବଂ ଏସ.ଶିବା । ତେବେ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଏଭଳି ବେଆଇନ ଜୁଆ ଆଡ୍ଡା ଚାଲିଥିବାରୁ ବହୁ ଯୁବପିଢ଼ି କମ୍ ସମୟରେ ଅଧିକା ଟଙ୍କା ରୋଜଗାର ଆଶାରେ ଜୁଆଖେଳ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ପୋଲିସ ଏକ ଟିମ୍ ଗଠନ କରି ସମସ୍ତ ବେଆଇନ ଜୁଆ ଆଡ୍ଡା ଉପରେ ଚଢ଼ାଉକରି ସେଗୁଡ଼ିକୁ ବନ୍ଦ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ସେବା ଶୁଭାରମ୍ଭ



ରାୟଗଡ଼ା,୨୯।୭
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ସିଟି ସ୍କାନ୍ ସେବାର ଶୁଭାରମ୍ଭ କରିଛନ୍ତି ଜିଲାପାଳ ମନୋଜନ ସତ୍ୟବାନ ମହାଜନ । ଓଡ଼ିଶା ସରକାର ଓ ସ୍ପନ୍ଦନ ଡାଇଗ୍ନୋଷ୍ଟିକ ପ୍ରାଇଭେଟ୍ ସଂସ୍ଥା ମିଳିତ ଭାବେ ପିପିପି ମାଧ୍ୟମରେ ଏହା କାର୍ଯ୍ୟକାରୀ ହୋଇଛି । ରୋଗୀଙ୍କ ନିମନ୍ତେ ବିନା ଶୁଳ୍କ ତଥା ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜିଲାରେ ପୂର୍ବରୁ ସିଟି ସ୍କାନ୍ ସେବା ନ ଥିବାରୁ ରୋଗୀ ବହୁତ ହଇରାଣ ହେଉଥିଲେ। ବର୍ତ୍ତମାନ ଏହି ସୁବିଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ ହେବା ସହ ରୋଗୀଙ୍କୁ ମାଗଣାରେ ପରୀକ୍ଷଣ ସୁବିଧା ମିଳିପାରିବ। ମସ୍ତିଷ୍କ ଓ ଟ୍ରମା ଭଳି ରୋଗର ପରୀକ୍ଷଣ କରାଯାଇ ୨ ଘଣ୍ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରାଯିବ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ, ଜିଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ରାଜେଶ୍ୱର ରାଓ ପଟ୍ଟନାୟକ, ସିଟି ସ୍କାନ୍ ପରିଚାଳନା ପାଇଁ ନିୟୋଜିତ ବୈଷୟକ ଟିମ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବିଧାନସଭାରେ ସ୍ୱାସ୍ଥ୍ୟ ସମସ୍ୟା ପ୍ରସଙ୍ଗ ଉଠାଇଲେ ନୀଳମାଧବ



ବିଧାନସଭାରେ ବିଷମକଟକ ବିଧାୟକ ନୀଳମାଧବ ହିକକା ପ୍ରଶ୍ନ କରୁଛନ୍ତି।

ବିଷମକଟକ, ୨୯।୭ (ପ୍ରସନ୍ନ କୁମାର ପଣ୍ଡା)

ବିଧାନସଭାରେ ରାୟଗଡା ଜିଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଉପରେ ପ୍ରସଙ୍ଗ ଉଠାଇଥିଲେ ବିଷମକଟକ ବିଧାୟକ ନୀଳମାଧବ ହିକକା । ବିଷମକଟକ, କୋଲନରା, କଲ୍ୟାଣସିଂହପୁର ଓ ମୁନିଗୁଡା ବ୍ଲକରେ ଖାଲିପଡ଼ିଥିବା ଡାକ୍ତରୀ ପଦବୀ ଓ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ବିଧାନସଭାରେ ଉପସ୍ଥାପନା କରିବା ସହ ସମସ୍ୟାର ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ଏ ନେଇ ପଦକ୍ଷେପ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

## ମୃତକଙ୍କ ପରିବାରକୁ ଭେଟିଲେ ଭାଜପା ପ୍ରତିନିଧି

ରାୟଗଡ଼ା,୨୯।୭
(ଆଶିଷ ରଞ୍ଜନ ପଣ୍ଡା)



ମୃତକଙ୍କ ପରିବାର ସହ କାଳୀରାମ ମାଝୀ ଆଲୋଚନା କରୁଛନ୍ତି।

ରାୟଗଡା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଲାମ୍ବେରୀ ଗ୍ରାମରେ ୨ ଜଣ ଝାଡାବାନ୍ତିରେ ପ୍ରାଣ ହରାଇଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ଭାରତୀୟ ଜନତା ପାର୍ଟିର ଏକ ପ୍ରତିନିଧି ଦଳ ଯାଇ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପ୍ରତିନିଧି ଦଳ ଉକ୍ତ ଗ୍ରାମରେ ସ୍ଥିତି ଅନୁଧ୍ୟାନ କରିବା ସହ ଫୁଟା ପାଣି ଓ ଗରମ ଜାଉ ଆଦି ପିଇବାକୁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଗ୍ରାମର ପାନୀୟ ଜଳ, ବିଜୁଳି ଓ ରାସ୍ତାର ସମସ୍ୟା ରହିଛି । ଉକ୍ତ ସମସ୍ୟାର ଆଶୁ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳୀରାମ ମାଝୀ। ପ୍ରତିନିଧି ଦଳରେ ଯୁବ ମୋର୍ଚ୍ଚା ରାଜ୍ୟ ଉପସଭାପତି ନୀଳାଦ୍ରି ବିହାରି ପାତ୍ର, ମଣ୍ଡଳ ସଭାପତି ସନ୍ତୋଷ ମହାନ୍ତିଙ୍କ ସମେତ ରଜନୀ ନାଏକ, ନିରଞ୍ଜନ ନାଏକ, ଚରଣ ନାଏକ ପ୍ରମୁଖ ସାମିଲ ଥିଲେ ।

## ବିଦ୍ୟାଞ୍ଜଳି କାର୍ଯ୍ୟକ୍ରମ ଉଦ୍‌ଯାପିତ

ଟିକିରି,୨୯।୭ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା ଟିକିରି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତିର ଚତୁର୍ଥ ବର୍ଷ ପୂର୍ତ୍ତି ଅବସରରେ ଚାଲିଥିବା ବିଦ୍ୟାଞ୍ଜଳି କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସ ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ଭାଗନେଇଥିଲେ। ଏଥିରେ ଶିକ୍ଷାର୍ଥୀଙ୍କୁ ପ୍ରଥମ ଦିବସରେ ଶିକ୍ଷା ଉପକରଣ ପ୍ରତିଯୋଗିତା, ଦ୍ୱିତୀୟ ଦିନରେ ଏଫ୍‌ଏଲ୍‌ଏନ୍ ସମ୍ପର୍କିତ, ତୃତୀୟ ଦିନରେ ଖେଳ ପ୍ରଦର୍ଶନ, ଚତୁର୍ଥ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପଞ୍ଚମ ଦିବସରେ ଦକ୍ଷତା ବିକାଶ ଏବଂ ଡିଜିଟାଲ ଶିକ୍ଷା କାର୍ଯ୍ୟକ୍ରମ, ଷଷ୍ଠ ଦିନରେ ପୋଷଣ ସମ୍ପର୍କିତ ପ୍ରତିଯୋଗିତା, ସପ୍ତମ ଦିନରେ ସ୍ଥାନୀୟ ଜନ ସମୁଦାୟ ଯୋଗଦାନ ସମ୍ପର୍କରେ କାର୍ଯ୍ୟକ୍ରମ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବକୁଳରାଣୀ ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶେଷ ଦିନ ବିଦ୍ୟାଞ୍ଜଳି କାର୍ଯ୍ୟକ୍ରମରେ ମୋ ସ୍କୁଲର ସଦସ୍ୟ ତାରିଣୀ ସାହୁ, ନିରଞ୍ଜନ, କାମେଶ୍ୱର ସାହୁ, ପୀତବାସ ପ୍ରଧାନୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ପାତ୍ର, ଉପ ସଭାପତି ସନ୍ତୋଷୀ ସାହୁଙ୍କ ସମେତ ଅଭିଭାବକ ଏବଂ ଅଧ୍ୟାପକ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଗଣେଶ ସେଠୀ, ମୋନାଲିସା ଶତପଥୀ, ସରୋଜ କୁମାର ନାୟକ, ପଙ୍କଜ ଷଡ଼ଙ୍ଗୀ, କ୍ରିଷ୍ଣାବେଣୀ ଭାଟ୍ଟି, ରାଜେନ୍ଦ୍ର ମହନ୍ତ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ବିଦ୍ୟାଞ୍ଜଳି କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ।

## ତ୍ୱରିତ ସମାଧାନ ପାଇଁ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ମୁନିଗୁଡ଼ା,୨୯।୭ (ନନ୍ଦ କିଶୋର ପଟ୍ଟନାୟକ)



ଆଗୁଳ ଗ୍ରାମ ପଞ୍ଚାୟତ ସଭା କକ୍ଷରେ ଅଭିଯୋଗ ଶୁଣାଣି କରାଯାଉଛି।

ରାୟଗଡ଼ା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଆଗୁଳ ଗ୍ରାମ ପଞ୍ଚାୟତ ସଭା କକ୍ଷରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁନିତା ପିଡ଼ିକାକାଙ୍କ ଅଧ୍ୟକ୍ଷତା ଓ ସମିତି ସଭ୍ୟ ସୁବାସ ପ୍ରାସ୍କାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁକା,ସମ୍ମାନିତ ଅତିଥି ବିଡିଓ ପ୍ରିତମ କୁମାର ତନ୍ତୀ, ଗୋଷ୍ଠୀ କଲ୍ୟାଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ସୁଧାଂଶୁ ଶେଖର ବୋଇତାଇ, ଓଡ଼ିଶା ଜୀବିକା ମିଶନ ଅଧିକାରୀ କ୍ଷିରୋଦ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ୨୭ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୦ଟି ସାମୂହିକ ଓ ୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଅଭିଯୋଗଗୁଡ଼ିକ ମଧ୍ୟରେ ସରକାରଙ୍କ ନିୟମ ଅନୁସାରେ ପ୍ରତି ପଞ୍ଚାୟତରେ ଗୋଟିଏ ହାଇସ୍କୁଲ ରହିବା କଥା, କିନ୍ତୁ ଆଗୁଳ ପଞ୍ଚାୟତରେ ହାଇସ୍କୁଲ ନାହିଁ। ଏଥିସହ ସ୍ୱାସ୍ଥ୍ୟକ୍ଷେତ୍ରରେ ଏଠାରେ ବିଭାଗୀୟ କର୍ମଚାରୀମାନେ ଅଧିକାଂଶ ସମୟରେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଥିଲା। ସେହିପରି ଗମନାଗମନ, ପାନୀୟଜଳ, ଆବାସ ଯୋଜନା, କୃଷି, ପରିମଳ, ବିଦ୍ୟୁତ ଉପରେ ଅଭିଯୋଗ ଆସିଥିଲା। ରାୟଗଡ଼ା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ନିମନ୍ତେ ହଠାତ ସୂଚନା ମିଳିଥିବା ବେଳେ ଅଳ୍ପ ସମୟ ଭିତରେ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫଳରେ ଅନେକ ଲୋକଙ୍କ ପାଖରେ ସୂଚନା ପହଞ୍ଚି ନ ଥିବା ନେଇ ବ୍ଲକ ପ୍ରଶାସନ ସ୍ୱୀକାର କରିଥିଲେ। ଆଗାମୀ ଦିନରେ ଏହା ଠିକ ସମୟ ପୂର୍ବରୁ ସୂଚିତ କରାଯିବା ସହ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ଉପରେ ଜୋର ଦିଆଯିବାକୁ ବିଡ଼ିଓ ତନ୍ତୀ କହିଥିଲେ। ଯେଉଁ ଅଭିଯୋଗଗୁଡ଼ିକ ଜିଲାସ୍ତରୀୟ ସମାଧାନ ଦିଗରେ ତ୍ୱରାନ୍ୱିତ ହେବ ତାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ଯେଉଁଗୁଡ଼ିକ ବ୍ଲକସ୍ତରୀୟ ସମସ୍ୟା, ତାର ତ୍ୱରିତ ସମାଧାନ କରାଯିବା ନେଇ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁମନ ବେହେରା, ନାୟବ ସରପଞ୍ଚ ସୁବ୍ରତ ପ୍ରଧାନ ଏବଂ ସମସ୍ତ ୱାର୍ଡ ମେମ୍ବରମାନେ ଉପସ୍ଥିତ ଥିଲେ।

# ଭୂତ ଖାଇଦେଇଛି ମିଶନ ଶକ୍ତି ଗୃହ

■ ଗୃହ ଖୋଜି ପାଉନାହାନ୍ତି ଗ୍ରାମବାସୀ
■ ସାଇନବୋର୍ଡ ପାଖରେ ଲାଗିଛି ସ୍ୱାସ୍ଥ୍ୟକେନ୍ଦ୍ର ଫଳକ
■ କ୍ଲବ ଘର ହିଁ ମିଶନ ଶକ୍ତି ଗୃହ: କନିଷ୍ଠଯନ୍ତ୍ରୀ

ମାଲକାନଗିରି, ୨୯।୭(ଦୁର୍ଯ୍ୟୋଧନ ପାତ୍ର)

ମିଶନ ଶକ୍ତି ନାଁରେ ହୋଇଛି ଅର୍ଥ ହଡପ ଅଭିଯୋଗ। ଭୂତ ଖାଇ ଦେଇଛି ମିଶନ ଶକ୍ତି ଗୃହ। ଏପରି ଘଟଣା ଘଟିଛି ମାଲକାନଗିରି ବ୍ଲକ୍ ଅଧୀନ ଗୌଡ଼ଗୁଡ଼ା ପଞ୍ଚାୟତର ଏମ୍‌ଭି୯ ଗ୍ରାମରେ।

ଖବରରୁ ଜଣାପଡିଛି, ୭/୮ ବର୍ଷ ତଳେ ଏମ୍‌ଭି-୯ ଗ୍ରାମର ଖେଳ ପଡିଆଠାରେ ସରକାରୀ ଅର୍ଥ ସହାୟତାରେ ଏକ କ୍ଲବ୍ ଘର ନିର୍ମାଣ ହୋଇଥିଲା। ନିର୍ମାଣର ୨ ବର୍ଷ ପରେ ସେହି କ୍ଲବ୍ ଘର କାନ୍ଥରେ ମିଶନ୍ ଶକ୍ତିର ଗୋଟିଏ ବୋର୍ଡ ଲଗାଯାଇଥିଲା। ଏହାର କିଛି ମାସ ପରେ ସେହି କ୍ଲବ୍ ଘର କାନ୍ଥରେ ଏମ୍‌ଭି-୯ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ କାନ୍ଥରେ ୧ ଲକ୍ଷ ୫୦ ହଜାର ଟଙ୍କା ଲିପିବଦ୍ଧ ହୋଇଛି। ଏହା ଦେଖି ଏମଭି-୯ ଗ୍ରାମବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। କିପରି ଗୋଟିଏ କ୍ଲବ୍ ଘରେ ବାରମ୍ବାର ବିଭିନ୍ନ କାର୍ଯ୍ୟର ବିବରଣୀ ସମ୍ପର୍କିତ ବୋର୍ଡ ଲଗାଯାଇଛି। ଏହାକୁ ନେଇ ଗ୍ରାମର କେତେଜଣ ଯୁବକ ଓ ମହିଳା ରାମକୃଷ୍ଣ ରାୟ, ବାପନ୍ ବିଶ୍ୱାସ, ପ୍ରବାସ ବିଶ୍ୱାସ, ଗୋବିନ୍ଦ ବିଶ୍ୱାସ, ଦୀପକ ଦେ, ଶେଫାଳି ବିଶ୍ୱାସ, ଟିଙ୍କୁ ସରକାର, ସୁଲେଖା ମଣ୍ଡଳ, ପାରୁଲ ଦାସ, ସନ୍ଧ୍ୟା ସର୍ଦ୍ଦାର ଓ ସୁମିତ୍ରା ସର୍ଦ୍ଦାର ପ୍ରମୁଖ ମାଲକାନଗିରି ବ୍ଲକକୁ ଯାଇ ଅବଗତ କରାଇଥିଲେ, କିନ୍ତୁ ବ୍ଲକ୍‌ରୁ ନିରାଶ ହୋଇ ଫେରିଥିଲେ। ତମ ମିଶନ ଶକ୍ତି ଗୃହ ଏମଭି-୯ରେ ନିର୍ମାଣ କରାଯାଇଛି ବୋଲି ବ୍ଲକ ପକ୍ଷରୁ ଗ୍ରାମବାସୀଙ୍କୁ କୁହାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ବ୍ଲକ୍ ପ୍ରଶାସନ କହିବା ଅନୁସାରେ ଏମଭି-୯ ର ମହିଳାମାନେ ମିଶନଶକ୍ତି ଗୃହ ଖୋଜି ପାଇନାହାନ୍ତି। ଏନେଇ ଗ୍ରାମରେ ମହିଳା ଏବଂ ଯୁବକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଜିଲା ପ୍ରଶାସନ ଏହାର ଉପଯୁକ୍ତ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଗୌଡଗୁଡା ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ରାଉତଙ୍କୁ ପଚାରିବାରୁ ଏମ୍‌ଭି-୯ ଗ୍ରାମ ଖେଳ ପଡିଆକୁ ଲାଗିଥିବା ଗୃହଟି ମିଶନ ଶକ୍ତିର । ଦେଢ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ପାଚେରି, ପାନୀୟ ଜଳ ସୁବିଧା ଓ ପାଇଖାନା ପାଇଁ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ କରାଯାଇଛି। ସେହି ଗ୍ରାମର ଯୁବକ ଓ ମିଶନ ଶକ୍ତି ମହିଳାମାନେ ବ୍ଲକକୁ ଆସିଥିଲେ। ସେମାନଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯାଇଛି। ଖୁବ ଶୀଘ୍ର ଏମ୍‌ଭି-୯ ଗ୍ରାମରେ କ୍ଲବ ଘର ନିର୍ମାଣ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ରାଉତ କହିଥିଲେ।


ଏମ୍‌ଭି –୯ ଗ୍ରାମବାସୀ ମିଶନ ଶକ୍ତି ଗୃହ ନିକଟରେ ଛିଡା ହୋଇଛନ୍ତି ।

## ଶହୀଦ ସପ୍ତାହରେ ମାଓବାଦୀଙ୍କ ସ୍ତୂପ ଧ୍ୱଂସ କଲେ ଯବାନ


ସ୍ତୂପକୁ ଯବାନମାନେ ଭାଙ୍ଗୁଛନ୍ତି ।

ମାଲକାନଗିରି, ୨୯।୭(ଦୁର୍ଯ୍ୟୋଧନ ପାତ୍ର)

ମାଓବାଦୀମାନେ ରବିବାରରୁ ଶହୀଦ ସପ୍ତାହ ପାଳନ କରୁଥିବା ବେଳେ ଏହି ସପ୍ତାହରେ ଗୋଟିଏ ମାଓବାଦୀ ସ୍ତୂପକୁ ଯବାନଧ୍ୱଂସ କରିଛନ୍ତି। ସୂଚନା ଅନୁଯାୟୀ, ମାଓବାଦୀ ସଂଗଠନ ଶହୀଦ ସପ୍ତାହ ପଳ ।ଳନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଛତିଶଗଡରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡାକଡି ଥିବା ବେଳେ ଜିଲାର ବାରସୁର ଅଞ୍ଚଳର କୋସଲନାର ଗାଁରେ ମୃତ ମାଓବାଦୀ କମାଣ୍ଡର ସତୀଶଙ୍କ ସ୍ମୃତିରେ ନିର୍ମିତ ଏକ ଶହୀଦ ସ୍ମାରକୀ ଏବଂ ମାଓବାଦୀମାନଙ୍କ ଶହୀଦ ସପ୍ତାହରେ ଆୟୋଜିତ ଏକ କାର୍ଯ୍ୟକ୍ରମ ବିଷୟରେ ଯବାନମାନେ ସୂଚନା ପାଇଥିଲା। ଡିଆର୍‌ଜି ଓ ବସ୍ତର ଫାଇଟର ଯବାନ ମାନେ ସର୍ଚ୍ଚ ଅପରେଶନ୍ ପାଇଁ ବାହାରି କୋସାଲନାର ଗାଁ ନିକଟରେ ଉକ୍ତ ସ୍ମାରକୀ ଦେଖି ତାକୁ ଭାଙ୍ଗି ହୋଇଥିଲେ ।


ଚିତ୍ରକୋଣ୍ଡା ଶୈବପୀଠରେ ପାଣିଢାଳିବାକୁ ଆସିଥିବା କାଉଡିଆ ।(ଫଟୋ-କ୍ଷୀରୋଦ ବେହେରା)

## ୧୫ ଅଭିଯୋଗ ଶୁଣିଲେ ପିଡି

ଚିତ୍ରକୋଣ୍ଡା, ୨୯।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବରଙ୍କ ଦ୍ୱାରା ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ଅଭିଯୋଗ ଶୁଣିଥିଲେ ପିଡି ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ତାରେଶ୍ୱର ମଲିକ, ସିଡିଏମ୍‌ଓ ଧନେଶ୍ୱର ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଏବଂ ବ୍ଲକ ଅଧକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ, ବିଡ଼ିଓ ତନ୍ମୟ ପାତ୍ର, ତହସିଲଦାର ନଟବର ଗରଡ଼ା ସହ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

ଆଖ ପାଖ ଅଞ୍ଚଳର ଲୋକେ ଆସି ନିଜ ନିଜ ଅଭିଯୋଗକୁ ପ୍ରକଳ୍ପ ଅଧିକାରୀଙ୍କୁ ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ନିର୍ଦ୍ଦିଷ୍ଟ ବିଭାଗ ଅଧିକାରୀଙ୍କ ଦ୍ୱାରା କେମିତି ସମସ୍ୟାର ସମାଧାନ କରାଯାଇ ପାରିବ ଆଲୋଚନା କରାଯାଇଥିଲା। ୧୫ ଟି ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସେଥିରୁ ୨ ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ଅନ୍ୟ ୧୩ ଗୋଷ୍ଠୀ ଗତ ଥିଲା। ଅଭିଯୋଗ ଶୁଣାଣିରେ ଚିତ୍ରକୋଣ୍ଡାର ମୁଖ୍ୟ ସମସ୍ୟାଗୁଡ଼ିକ ପାନୀୟ ଜଳ ଉପରେ ଅଭିଯୋଗ ଆସିଥିଲା। ମେଗା ପ୍ରକଳ୍ପ ଅଚଳ ହୋଇଥିବା ବେଳେ ଚିତ୍ରକୋଣ୍ଡାବାସୀଙ୍କୁ ଦିଆଯାଉଥିବା ପାଣି ସମ୍ପୂର୍ଣ୍ଣ ଗୋଳିଆ ହୋଇ ଆସୁଛି, ତାହା ଫିଲଟରିଂ କରାଯାଉନାହିଁ। ବଡପଦର ପଞ୍ଚାୟତକୁ ଦୁଇଟି ପଞ୍ଚାୟତ କରାଯାଉ। ରାଲେଗଡାଠାରୁ ବଡପଦରକୁ ଆରଡି ରାସ୍ତା, କଦମଖୋଲାକୁ ରାସ୍ତା ନିର୍ମାଣ କରାଯାଉ । କାର୍ଯ୍ୟକ୍ରମରେ ସମିତିସଭ୍ୟ ରାଜକମଲ ପୁରୋହିତ, ବିଧାୟକ ପ୍ରତିନିଧି ବିଦେଶୀ ଗୌଡ଼ ଏବଂ ଅଞ୍ଚଳର ସାମ୍ବାଦିକ ପ୍ରତିନିଧିମାନେ ଯୋଗଦେଇଥିଲେ। ବୋତଲରେ ଆଣିଥିବା ପାନୀୟ ଜଳ ନମୁନାକୁ ସମିତିସଭ୍ୟ ଅଧିକାରୀଙ୍କୁ ଦେଖାଇଥିଲେ। ଫିଲଟରର ବ୍ୟବସ୍ଥା ନ ଥିବା ଯୋଗୁ ପାନୀୟ ଜଳ ସମ୍ପୂର୍ଣ୍ଣ ଗୋଳିଆ ଥିବା କଥା ଜଣାଇଥିଲେ। ଏ କଥାରେ ଅଧାପନ୍ତରିଆ ଭାବେ ଚାଲିଥିବା ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସମାଧାନ ହେଇ ପାରିବ । ବର୍ତ୍ତମାନ ପରିସ୍ଥିତିରେ ଆଉ କିଛି ସ୍ଥାନରେ ନଳକୂପ ବ୍ୟବସ୍ଥା ପାଇଁ ଜଣାଇଥିଲେ। ବିଜୁଳି କାଟ ବାରମ୍ବାର ଓ ଅନିର୍ଦ୍ଦିଷ୍ଟ ସମୟ ପାଇଁ ହେଉଥିବା ଜଣାଇଥିଲେ।


ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଅଭିଯୋଗ ଶୁଣୁଛନ୍ତି ।

## ନୂତନ ନ୍ୟାୟ ସଂହିତା ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି, ୨୯।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପଡିଆ ପୋଲିସ ଷ୍ଟେସନରେ ଥିବା ୧୪୨ ବାଟାଲିୟନ ବିଏସ୍‌ଏଫ ଯବାନମାନଙ୍କୁ ନୂତନ ନ୍ୟାୟ ସଂହିତାକୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବିଏସ୍‌ଏଫର ତାଲିମ ପ୍ରକୋଷ୍ଠରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ କରାଯାଇ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ନୂତନ ଭାରତୀୟ ନାଗରିକ ସଂହିତା, ଭାରତୀୟ ନାଗରିକ ନ୍ୟାୟ ସଂହିତା ଓ ଭାରତୀୟ ନାଗରିକ ସାକ୍ଷ୍ୟ ସଂହିତା ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯଇଥିଲା। ଏଥିରେ ନାଗରିକଙ୍କୁ ନ୍ୟାୟ ପ୍ରଦାନ, ନ୍ୟାୟ ବ୍ୟବସ୍ଥାରେ ନାଗରିକର ପ୍ରକୃତ ଅଧିକାର ବାବଦରେ ଉଲ୍ଲେଖ ଥିବା ନେଇ ଆଲୋଚନା କରାଯଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏସ୍‌ଏଫର ସହାୟକ କମାଣ୍ଡେଣ୍ଟ ସିନ୍ଧୁ ଗରଗେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପଡିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ବାଘ ଏହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ପ୍ରଧାନ ଓ ଅଙ୍ଗଦ କହ୍ନର ପ୍ରମୁଖ ସହଯୋଗ କରିଥିଲେ।


ନ୍ୟାୟ ସଂହିତା ଉପରେ ବୁଝାଯାଉଛି ।

## ଆବାସ ଯୋଜନା ରାଜ୍ୟସ୍ତରୀୟ ଟେକ୍‌ନିକାଲଙ୍କ ସମୀକ୍ଷା


ଅଧିକାରୀମାନେ ଆବାସଗୁଡିକୁ ବୁଲି ଦେଖୁଛନ୍ତି ।

କୋରୁକୋଣ୍ଡା, ୨୯।୭(ଶିବଦତ୍ତ ସାହୁ)

ବାଲିମେଳା ଏନ୍‌ଏସିକୁ ଆବାସ ଯୋଜନା ରାଜ୍ୟସ୍ତରୀୟ ଟେକ୍‌ନିକାଲ ସେଲ୍ ଏବଂ ଓୟୁଏସ୍‌ଏମ୍ ଟିମ୍ ଲିଡର ପାର୍ଥସାରଥି ସାହୁ ସୋମବାର ପ୍ରଧାନମନ୍ତ୍ରୀ ଆବାସଗୁଡିକର କାର୍ଯ୍ୟ ତଦାରଖ କରିଛନ୍ତି। ପ୍ରଥମେ ସେ ଏନ୍‌ଏସିକନ୍‌ଫରେନ୍ସହଲ୍‌ରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ସମସ୍ତ କାଉନସିଲରଙ୍କ ସହ ଏକ ବୈଠକ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଆବାସ କିପରି ନିର୍ମାଣ ହେଉଛି ସେ ନେଇ ଆଲୋଚନା କରାଯାଇଥିଲା। ତେବେ ୧୨୦୯ ହିତାଧିକାରୀ ଗୃହ ପାଇଥିବା ବେଳେ ୫୫୭ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ୬୦୦ ଗୃହ କାର୍ଯ୍ୟ ଚାଲିଥିବା ବେଳେ ସେହି ଗୃହଗୁଡିକ କିପରି ଶୀଘ୍ର ନିର୍ମାଣ କରାଯିବ ସେନେଇ ଆଲୋଚନା ହୋଇଥିଲା। ଏଯାଏ ୫୨ ଆବାସ ନିର୍ମାଣ ଆରମ୍ଭ କରାଯାଇ ନ ଥିବାରୁ ସାହୁ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ତୁରନ୍ତ ଉକ୍ତ ହିତାଧିକାରୀଙ୍କୁ ଆବାସ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଟିମ୍ ଲିଡର ସାହୁ ସହରର ବିଭିନ୍ନ ୱାର୍ଡ ବୁଲି ଆବାସ ନିର୍ମାଣ କାର୍ଯ୍ୟର ମାନ ଯାଞ୍ଚ କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଓୟୁଏସ୍‌ଏମ୍ ଅର୍ବାନ ପ୍ଲାନର ସୁନୀଲ ଡୋକି ଉପସ୍ଥିତ ଥିବା ବେଳେ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଡୁଡା ଏକ୍ସପର୍ଟ ରଶ୍ମିରଞ୍ଜନ ମହାନ୍ତି ଏବଂ କାଉନସିଲରମାନେ ଉପସ୍ଥିତ ଥିଲେ।

## ଶିବାନନ୍ଦଙ୍କ ୬୧ ତମ ପୁଣ୍ୟତିଥି ଆରାଧନା ଦିବସ

ଚିତ୍ରକୋଣ୍ଡା, ୨୯।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ଗୁରୁ ଶିବାନନ୍ଦଙ୍କ ୬୧ ତମ ପୁଣ୍ୟତିଥି ଓ ଆରାଧନା ଦିବସ ଅବସରରେ ସଂଘ ପକ୍ଷରୁ ସକାଳ ୭ ଟାରୁ ଗୁରୁ ପାଦପୂଜା, ସ୍ତୋତ୍ର, ଶାନ୍ତି ପାଠ, ଜପ ଓ ଧ୍ୟାନ କରାଯାଇ,ମହାମନ୍ତ୍ର କୀର୍ତ୍ତନ, ଆରତୀ, ପୁଷ୍ପାଞ୍ଜଳି ସହ ଅଧିବେଶନ ପରେ ସତନ୍ତ୍ର ସତ୍‌ସଙ୍ଗ କାର୍ଯ୍ୟକ୍ରମ,ସୁନ୍ଦରା କାଣ୍ଡ, ପାରାୟଣ ଓ ଭଜନ କୀର୍ତ୍ତନ କରାଯିବା ସହ ନାରାୟଣ ସେବା କରାଯାଇଥିଲା । କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଂଘ ସଦସ୍ୟ ଶଙ୍କର ଦାଶ, ଲକ୍ଷ୍ମଣ ବେହେରା, ରବୀନ୍ଦ୍ର ରଥ, ବିଜୟ ପଣ୍ଡା, ମଦନ ଦାଶ, ସଂଯୁକ୍ତା ପାଢ଼ୀ, ବିଜୟ ଲକ୍ଷ୍ମୀ ବେହେରା, ଗୀତା ପଟ୍ଟନାୟକ ଓ ପ୍ରତିମା ପଣ୍ଡା ପରିଚାଳନା କରିଥିଲେ ।

## ଶ୍ରାବଣରେ ବୋଲବମ ଭକ୍ତଙ୍କ ଭିଡ଼

ଚିତ୍ରକୋଣ୍ଡା,୨୯।୭ (କ୍ଷୀରୋଦ ବେହେରା)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ବିଭିନ୍ନ ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ପାଗ ଅନୁକୂଳ ଥିବାରୁ ଚିତ୍ରକୋଣ୍ଡାସ୍ଥିତ ନୀଳକଣ୍ଠେଶ୍ୱର ଓ ଆଖଣ୍ଡଳମଣି ମନ୍ଦିରରେ ବୋଲବମ ଭକ୍ତଙ୍କର ଭିଡ ହୋଇଥିଲା। ଭକ୍ତମାନେ ଚିତ୍ରକୋଣ୍ଡା ଡ୍ୟାମରୁ ପାଣି ଉଠାଇ ନୀଳକଣ୍ଠେଶ୍ୱର ମନ୍ଦିରରେ ଢାଳି ଥିଲେ। ଏହା ପରେ ମାଲକାନଗିରିର ଏକ ଗ୍ରାମ ଏମ୍‌ଭି ୧୮ର ବାବା ଚଣ୍ଡେଶ୍ୱର ଶିବ ସଙ୍ଘ ବୋଲବମ୍ ଭକ୍ତ ବହୁ ସଂଖ୍ୟାରେ ଆସି ନିଜ ନିଜର ମାନସିକ କାମନା କରି ନୀଳକଣ୍ଠେଶ୍ୱର ମନ୍ଦିରରେ ପାଣି ଢାଳିଥିଲେ।

## ଆଇନ ସଚେତନତା ଶିବିର

**ମାଲକାନଗିରି ମହାବିଦ୍ୟାଳୟ**

ମାଲକାନଗିରି, ୨୯।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ମହାବିଦ୍ୟାଳୟରେ ସୋମବାର ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଓ ନିରନ୍ତର ଅଦାଲତର ବିଚାରପତି ତଥା ଆଇନସେବା ପ୍ରାଧିକରଣର ସଚିବ ସୁଶ୍ରୀ ସଙ୍ଗୀତା ପାତ୍ର ଅଧ୍ୟକ୍ଷତା କରିଥିଲେ। ବିଚାରପତି କିଶୋର ନ୍ୟାୟ ଆଇନରେ ଥିବା ବିଭିନ୍ନ ନିୟମାବଳୀ ଉପରେ ବିସ୍ତୃତ ଆଲୋଚନା କରିବା ସହ ବାଧ୍ୟତାମୂଳକ ଶିକ୍ଷା ଆଇନ -୨୦୦୯ ଓ ବିଭିନ୍ନ ଶିଶୁ ଅଧିକାର ସମ୍ପର୍କରେ ବୁଝାଇ ଭବିଷ୍ୟତରେ ଭଲ ମଣିଷ ହୋଇ ସମାଜର ଉନ୍ନତି ପାଇଁ ଉଦ୍ୟମ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇ ଗଣତନ୍ତ୍ର ଶାସନରେ ଆଇନ ଜାଣିବା କେତେ ଜରୁରୀ ବୋଲି ବୁଝାଇବା ସହ ମହାବିଦ୍ୟାଳୟରେ ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଉକ୍ତ ମହାବିଦ୍ୟାଳୟରେ କରିଥିବାରୁ ଆଇନସେବା ପ୍ରାଧିକରଣକୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନ ସେବା ପ୍ରାଧିକରଣର ପ୍ରମୁଖ ଆଇନ ସେବା ପ୍ରତିରକ୍ଷା ଓକିଲ ଅଶୋକ କୁମାର ପଟ୍ଟନାୟକ, ଉପ ପ୍ରମୁଖ ପ୍ରତିରକ୍ଷା ଓକିଲ ରାଜେଶ ପଟ୍ଟନାୟକ, ସହାୟକ ପ୍ରତିରକ୍ଷା ଓକିଲ ସାଗର ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ଆଇନ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧିକରଣର କର୍ମକର୍ତ୍ତା ଯୋଗେଶ ମହାନ୍ତି ଓ ତପନ କୁମାର ଜେନା ସହଯୋଗ ପ୍ରଦାନକରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ।


ଛାତ୍ରୀଛାତ୍ରଙ୍କୁ ଆଇନ ସମ୍ପର୍କରେ ବୁଝାଯାଉଛି ।

# ୪ମାସରୁ ଊର୍ଦ୍ଧ୍ୱ ହେଲାଣି ୨ନମ୍ବର ୟୁନିଟ୍ ଅଚଳ

■ ସମସ୍ୟାରେ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର
■ ୨ ନମ୍ବର ୟୁନିଟ୍‌ରେ ନବୀକରଣ ପାଇଁ ଖର୍ଚ୍ଚ ହେଲାଣି ୩୫ କୋଟିରୁ ଊର୍ଦ୍ଧ୍ୱ

କୋରୁକୋଣ୍ଡା,୨୯।୭(ଶିବଦତ୍ତ ସାହୁ)





ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ଓଡ଼ିଶାର ଅନ୍ୟତମ ବୃହତ୍ ପ୍ରକଳ୍ପ ଭାବେ ପରିଚିତ। କିନ୍ତୁ ଏହି କେନ୍ଦ୍ର ବର୍ତ୍ତମାନ ନାନା ସମସ୍ୟା ଦେଇ ଗତି କରୁଛି। ଏଠାରେ ଥିବା ୧ ରୁ ୬ ନମ୍ବର ପ୍ରାୟ ୫୦ବର୍ଷର ପୁରୁଣା ୟୁନିଟ୍‌ଗୁଡିକର ନବୀକରଣ ପାଇଁ ବିଭାଗ ପକ୍ଷରୁ ଖର୍ଚ୍ଚ ହେଉଛି ପ୍ରାୟ ୩୦୦ କୋଟି ଟଙ୍କା। ହେଲେ ଫଳ ଶୂନ। କେବଳ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ପାଣି ପରି ଖର୍ଚ୍ଚ କରିବା ସାର ହେଉଛି।

ମାଲକାନଗିରି ଜିଲା ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ୧୯୭୩ରୁ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପ୍ରାୟ ୩୩ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରି ଯୋଗାଇ ଆସୁଛି । ପ୍ରଥମେ ଏଠାରେ ୬ଟି ୟୁନିଟ୍ କାର୍ଯ୍ୟ କରୁଥିବା ବେଳେ ୧ ରୁ ୬ ପ୍ରତ୍ୟେକ ୟୁନିଟ୍‌ରୁ ୬୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦିତ ହେଉଥିଲା । ୨୦୦୯ରେ ଏଠାରେ ପ୍ରାୟ ୧୬୦ କୋଟି ଟଙ୍କା ବ୍ୟୟରେ ଆଉ ୨ ନୂତନ ୟୁନିଟ୍ ସ୍ଥାପନ କରାଗଲା। ଯାହାର ୟୁନିଟ୍ ପିଛା ଉତ୍ପାଦନ କ୍ଷମତା ୭୫ ମେଗାୱାଟ। ଏହାକୁ ମିଶାଇ ଏହି କେନ୍ଦ୍ରର ମୋଟ ଉତ୍ପାଦନ କ୍ଷମତା ୫୧୦ ମେଗାୱାଟ୍। ତେବେ ପ୍ରାୟ ୫୦ବର୍ଷ ତଳେ ନିର୍ମିତ ପ୍ରଥମ ୬ଟି ୟୁନିଟ୍‌ର ଯନ୍ତ୍ରାଂଶଗୁଡିକ ବହୁ ପୁରୁଣା ହୋଇଥିବାରୁ ତାହା ବିଭିନ୍ନ ସମୟରେ ତ୍ରୁଟି ଯୋଗୁ ବାରମ୍ବାର ୨୦୧୨ ରୁ ଏହି ୬ଟି ପୁରୁଣା ୟୁନିଟ୍‌ରେ ଅଧିକାଂଶ ଦିନ ଅଚଳ ହେଉଥିଲା। ବହୁ ଟଙ୍କା ଖର୍ଚ୍ଚକରି ସେଗୁଡିକୁ ମରାମତି କରାଯାଇଥିଲା। ହେଲେ ଏହି ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିଲା ନାହିଁ । ହେଲେ ଏହାର ସମ୍ପୂର୍ଣ୍ଣ ଭାବେ ସ୍ଥାୟୀ ସମାଧାନ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ୨୦୧୬-୧୭ରେ ଏହି କେନ୍ଦ୍ରରେ ଥିବା ପୁରୁଣା ୬ଟି ୟୁନିଟ୍‌ଗୁଡିକର ନବୀକରଣ ପାଇଁ ପ୍ରାୟ ୩୦୦ କୋଟି ଟଙ୍କା ବ୍ୟୟ ବରାଦକରି ଏକ ଗ୍ଲୋବାଲ ଟେଣ୍ଡର କରାଯାଇଥିଲା । ଟେଣ୍ଡର ପ୍ରକ୍ରିୟା ସରିବା ପରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ବିଏଚ୍‌ଇଏଲ୍ ସଂସ୍ଥାକୁ ପୁରୁଣା ୬ଟି ୟୁନିଟ୍‌ର ନବୀକରଣ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ଦିଆଯାଇଥିଲା।

ବିଭାଗୀୟ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ,୧୮।୧୨।୧୭ରୁ ୨୯।୧୨।୨୧ ପର୍ଯ୍ୟନ୍ତ ୪ ବର୍ଷ ୧୧ ଦିନ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ବିଏଚ୍‌ଇଏଲ୍ ସଂସ୍ଥା ଦ୍ୱାରା ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ ୨ନମ୍ବର ୟୁନିଟ୍‌ର ନବୀକରଣ କାର୍ଯ୍ୟ କରାଯାଇଥିଲା। କାମ ଶେଷ ହେବାପରେ ଉକ୍ତ ୟୁନିଟ୍‌କୁ ବିଏଚ୍‌ଇଏଲ୍ ପକ୍ଷରୁ ୨୯।୧୨।୨୧ରେ ଓଏଚ୍‌ପିସି ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଏହାପରେ ଏହି ୟୁନିଟ୍‌ରୁ ବିଭାଗ ପକ୍ଷରୁ ବିଦ୍ୟୁତ୍ ଉତ୍ପାଦନ ହେଉଥିଲା। ବିଡ଼ମ୍ବନାର ବିଷୟ ଏହି ୨ନମ୍ବର ୟୁନିଟ୍ ନବୀକରଣ ପରେ ମୋଟ ୩ ବର୍ଷ ୯ମାସ ପର୍ଯ୍ୟନ୍ତ ଏକ ପ୍ରକାର କାର୍ଯ୍ୟକ୍ଷମ ହେଉଥିଲା। ୧୫।୩।୨୪ରେ ଏହି ୟୁନିଟ୍ କାର୍ଯ୍ୟକ୍ଷମ ଥିବା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଉକ୍ତ ୟୁନିଟ୍‌କୁ ବନ୍ଦକରି ଦିଆଯାଇଥିଲା । ଆଜକୁ ପ୍ରାୟ ୪ମାସ ହେବ ୨ ନମ୍ବର ୟୁନିଟ୍‌ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡିଛି । ଦୀର୍ଘମାସ ଧରି ଏହି ୟୁନିଟ୍‌ରୁ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିଛି। ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି । ଏଭଳି ସ୍ଥିତିରେ ଏହି ୟୁନିଟ୍‌ର ନବୀକରଣ କାମ କରିଥିବା ବିଏଚ୍‌ଇଏଲ୍‌ର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ନବୀକରଣ ସାରିବାର କିଛିମାସ ପରେ ଯଦି ୨ ନମ୍ବର ୟୁନିଟ୍ ଦୀର୍ଘମାସ ହେଲା ଅଚଳ ତେବେ ବିଏଚ୍‌ଇଏଲ୍ ସଂସ୍ଥା ପକ୍ଷରୁ କରାଯାଉଥିବା ଅନ୍ୟ ୫ଟି ୟୁନିଟ୍‌ର ଭବିଷ୍ୟତ କ'ଣ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ କରିବାକୁ ଦାବି ହେଉଛି ।

ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ,୧୮।୧୨।୧୭ରେ ୟୁନିଟ୍ ୧ ଓ ୨ କୁ ନବୀକରଣ କରିବା ନିମନ୍ତେ ବିଭାଗ ପକ୍ଷରୁ ବିଏଚ୍‌ଇଏଲ୍ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ସେହିପରି ୩ ନମ୍ବର ୟୁନିଟ୍‌କୁ ୧୭।୮।୨୨ରେ ଓ ୪ନମ୍ବର ୟୁନିଟ୍‌କୁ ୧୦।୮।୨୨ରେ ନବୀକରଣ ପାଇଁ ଦିଆଯାଇଥିଲା। ପ୍ରତ୍ୟେକ ୟୁନିଟ୍‌ର ନବୀକରଣ ପରେ ହସ୍ତାନ୍ତର ହେବାର ଦେଢ଼ବର୍ଷ ମଧ୍ୟରେ ଶେଷ କରିବାକୁ ଉକ୍ତ ସଂସ୍ଥା ଓ ବିଭାଗ ମଧ୍ୟରେ ଚୁକ୍ତି ହୋଇଥିବା ଜଣାପଡ଼ିଛି । କିନ୍ତୁ ୨ନମ୍ବର ୟୁନିଟ୍ ନବୀକରଣ କାର୍ଯ୍ୟ ସାରିବାକୁ ବିଏଚ୍‌ଇଏଲ୍ ସଂସ୍ଥାକୁ ପ୍ରାୟ ୪ ବର୍ଷ ୧୧ଦିନ ସମୟ ଲାଗିଥିଲା ।

ଏ ସମ୍ପର୍କରେ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ୟୁନିଟ୍ ନବୀକରଣ ଓ ମଡିନେଶନ ଡିଭିଜନ ମୁଖ୍ୟ ରାଧାମୋହନ ଓତାଙ୍କୁ ପଚାରିବାରୁ ୨ନମ୍ବର ୟୁନିଟ୍ ଗତ ମାର୍ଚ୍ଚରୁ ଯାନ୍ତ୍ରିକତ୍ରୁଟି ଓ ମେସିନ ଭାଇବ୍ରେଶନ ହେବାରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି । ଉକ୍ତ ୟୁନିଟ୍‌ର ବର୍ଷେ ମେଣ୍ଟେନାନ୍ସ କରିବାର ଦାୟିତ୍ୱ ଉକ୍ତ ସଂସ୍ଥାର ରହିଛି । ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ସଂସ୍ଥାକୁ ବିଭାଗ ପକ୍ଷରୁ ଚିଠି ଲେଖି ଅବଗତ କରାଯାଇଛି । ଫିଟିଂ ସମୟରେ ୨ନମ୍ବର ୟୁନିଟ୍‌ର ଲେବଲିଂ ଓ ଡିଜାଇନରେ ସମସ୍ୟା ଥିବାରୁ ଏଭଳି ହୋଇ ଥାଇପାରେ ବୋଲି ସେ କହିଛନ୍ତି ।

ଏହାକୁ ମରାମତି କରିବା ପାଇଁ ୨ ଦିନ ପୂର୍ବରୁ ବିଏଚ୍‌ଇଏଲ୍ ସଂସ୍ଥାର ୨ ଜଣ ଏକ୍ସପୋର୍ଟ ଆସିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୧ରୁ ୪ ୟୁନିଟ୍‌ଗୁଡିକର ଉକ୍ତ ସଂସ୍ଥା ପକ୍ଷରୁ ନବୀକରଣ କାର୍ଯ୍ୟ ସରିଛି। ତେବେ ଅଚଳ ଥିବା ୨ ନମ୍ବର ୟୁନିଟ୍ ମରାମତି ହୋଇ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ୫ ଓ ୬ ନମ୍ବର ୟୁନିଟକୁ ବିଏଚ୍‌ଇଏଲ୍ ସଂସ୍ଥାକୁ ନବୀକରଣ ନିମନ୍ତେ ହସ୍ତାନ୍ତର କରିବାକୁ ଷ୍ଟେଟ ଲୋଡ୍ ଡେସ୍‌ପାଚ ସେଣ୍ଟର ଅନୁମତି ଦେଉନାହାନ୍ତି। ନବୀକରଣ କାର୍ଯ୍ୟ କରିବାର ଅବଧି ସମୟ ଶେଷ ହୋଇଥିବାରୁ ଉକ୍ତ ସଂସ୍ଥାଠାରୁ ଜରିମାନା ଆଦାୟ କରାଯିବ ବୋଲି ଓତା କହିଛନ୍ତି। ଏ ସମ୍ପର୍କରେ ବାଲିମେଳା ଜଳବିଦ୍ୟୁତ୍ କେନ୍ଦ୍ର ବରିଷ୍ଠ ସାଧାରଣ ପ୍ରବନ୍ଧକ ଇଂ. ଏସ୍. ଶିବପ୍ରସାଦ ରାଓଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଥିବା ସେ କହିଛନ୍ତି ।

# ହିତାଧିକାରୀଙ୍କ ଅଭିଯୋଗର ସମାଧାନ ନିର୍ଦ୍ଦେଶ

- ୨୪ ଦଳଗତ, ୧୦ ବ୍ୟକ୍ତିଗତ ଅଭିଯୋଗର ଶୁଣାଣି
- ୬ ମାମଲାର କରାଗଲା ତୁରନ୍ତ ସମାଧାନ
- ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିଲା ସହାୟତା

**ଉମରକୋଟ/ନବରଙ୍ଗପୁର, ୨୯।୭ (ସନ୍ତୋଷ ଶତପଥୀ/ ସଦାଶିବ ପ୍ରହରାଜ)**



ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ସହାୟତା ପାଇଥିବା ହିତାଧିକାରୀ।

ନବରଙ୍ଗପୁର ଜିଲା ଉମରକୋଟରେ ବ୍ଲକ୍‌ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ନିଜର ବ୍ୟକ୍ତିଗତ, ସାମୂହିକ ଆପତ୍ତି ଅଭିଯୋଗ ଜିଲାପାଳଙ୍କୁ ଭେଟି ଜଣାଇବା ପାଇଁ ୩୪ ଜଣ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ୨୪ଟି ଦଳଗତ ୧୦ ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଦଳଗତ ମଧ୍ୟରେ ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ପୋଲିସ କେସ୍, ଜମି ବିବାଦ, ବିଦ୍ୟୁତ୍ ସଂଯୋଗ, ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବିଦ୍ୟାଳୟ ଗୃହ ମରାମତି, ସ୍ୱାସ୍ଥ୍ୟ ଚିକିତ୍ସା, ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା, ସାମାଜିକ ସୁରକ୍ଷା ସହାୟତା, ଜବ୍ କାର୍ଡ, ଜମି ଜବରଦଖଲ, ପେନ୍‌ସନ୍ କେସ୍ ଆଦି ସଂକ୍ରାନ୍ତୀୟ ଆପତ୍ତି ଅଭିଯୋଗ ଜିଲାପାଳ କମଳ ଲୋଚନ ମିଶ୍ର ଶୁଣି ସେ ସବୁର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ୬ଟି କେସ୍ ସମାଧାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୩ଜଣଙ୍କୁ ଟ୍ରାଇସାଇକେଲ, ୧୯ ଜଣଙ୍କୁ ମଧୁବାବୁ ପେନ୍‌ସନ, ୨୨ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୨ ଜଣଙ୍କୁ ହୁଇଲ ଚେୟାର ଜିଲାପାଳ ପ୍ରଦାନ କରିଛନ୍ତି। ଏହି ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିରରେ ଏସ୍‌ପି ରୋହିତ ବର୍ମା, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ର, ବ୍ଲକ୍ ଅଧ୍ୟକ୍ଷ ସୁଶୀଳା ମାଝି, ବିଡିଓ, ପ୍ରୀତିରଞ୍ଜନ ରଥ, ତହସିଲଦାର ମେଘବାନ ବାଘ, ସିଡିଏମ୍‌ଓ ଡା. ମଳୟ କୁମାର ତ୍ରିପାଠୀ, ପିଏଆଇଟିଡିଏ ସଞ୍ଜୀବ କୁମାର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ବେସାମରିକ ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଡିଇଓ ଛତ୍ରପତି ସାହୁ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଏଡିଭିଓ ଡ. ଦିଲୀପ କବିରାଜ, ନିର୍ବାହୀ ଯନ୍ତ୍ରୀ ଟିପିଏସ୍‌ଓ ଡିଏଲ୍ ସିବେଶ ରାମ ସାହୁଙ୍କ ସମେତ ଜିଲା ଏବଂ ବ୍ଲକ୍‌ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# କାର୍ଯ୍ୟ ତଦାରଖ ପାଇଁ ନାହିଁ ବୈଷୟିକ କାର୍ଯ୍ୟାଳୟ

**ଜିଲାରେ ଚାଲିଛି ୧୨୭୨ କୋଟି ଟଙ୍କାର ପ୍ରକଳ୍ପ କାମ**

**ତେନ୍ତୁଳିଖୁଣ୍ଟି, ୨୯।୭(ଚିଦାନନ୍ଦ ସାହୁ)**

୨୦୨୩ ଡିସେମ୍ବରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲା ସଦର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି ବ୍ଲକର ୧୨୦ ଗ୍ରାମରେ ଚାଷ ପାଇଁ ୧୨୭୨ କୋଟି ଟଙ୍କା ବ୍ୟୟରେ ପାର୍ବତୀ ଗିରି ମେଗା ଲିଫ୍ଟ ଇରିଗେଶନ ପ୍ରୋଜେକ୍ଟ ନାମରେ ଏଗାର ପ୍ରକଳ୍ପର ଶୁଭ ଦେଇଥିଲେ। ଇତିମଧ୍ୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ୨ଟି ଘରୋଇ କମ୍ପାନୀ ଏହାର କାମ ନେଇଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ତଦାରଖ ପାଇଁ ଏଯାବତ୍ ନବରଙ୍ଗପୁର ଜିଲାରେ ମେଗା ଲିଫ୍ଟ ଇରିଗେଶନ ବିଭାଗର କୌଣସି କାର୍ଯ୍ୟାଳୟ ଖୋଲା ଯାଇନାହିଁ। ଶହେ କିଲୋମିଟରରୁ ଊର୍ଦ୍ଧ୍ୱ ଦୂରରେ ଥିବା ମାଲକାନଗିରି ଓ କୋରାପୁଟରେ ଥିବା ନିର୍ବାହୀ ଯନ୍ତ୍ରୀ ମେଗା ଲିଫ୍ଟ ଇରିଗେଶନ ଅଫିସ କାର୍ଯ୍ୟ ତଦାରଖ କରୁଛି। ବିନା ସରକାରୀ ବୈଷୟିକ ଅଧିକାରୀଙ୍କ ତଦାରଖରେ କୋଟି କୋଟି ଟଙ୍କାର କାର୍ଯ୍ୟ ହେବା ଗୁଣବତ୍ତା ଓ କାର୍ଯ୍ୟର ସଫଳତା ନେଇ ସନ୍ଦେହ ଉପୁଜୁଥିବା ଲୋକେ ଅଭିଯୋଗ କରିଛନ୍ତି। ବୈଷୟିକ ଅଧିକାରୀ ମାଲକାନଗିରିରୁ ଆସି କୋଟିଡ୍ କେନ୍ଦୁଗୁଡ଼ା ଓ ମୂର୍କା ପମ୍ପ ହାଉସ କାମ ଦେଖୁଛନ୍ତି।

ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ସର୍ଭେ କରାଯାଇ ଡିପିଆର୍ ହୋଇଥିବା କେହି କହିପାରୁ ନାହାନ୍ତି। କାମ ପାଇବା ପରେ କମ୍ପାନୀ ଡ୍ରୋନ୍ ମାଧ୍ୟମରେ ସର୍ଭେ ପାଇଁ ନିର୍ବାହୀ ଯନ୍ତ୍ରୀ ମେଗା ଲିଫ୍ଟ ମାଲକାନଗିରିଙ୍କ ମାଧ୍ୟମରେ ଏସ୍‌ପିଙ୍କ ଅନୁମତି ମାଗିଥିବା ଦେଖା ଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ୨ରୁ ୩ଥର ବ୍ଲାଷ୍ଟିଂ ପାଇଁ କମ୍ପାନୀ ଅନୁମତି ନେଇଛି। ଆଖପାଖ ଅଞ୍ଚଳବାସୀଙ୍କ କ୍ଷୟକ୍ଷତି ପ୍ରତି କମ୍ପାନୀ ଦୃଷ୍ଟି ଦେଉନି। ତେଣୁ ବହୁ କୋଟି ଟଙ୍କା ବ୍ୟୟରେ ତିଆରି ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ନବରଙ୍ଗପୁର ଜିଲା ଇନ୍ଦ୍ରାବତୀରେ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଦାବି ହୋଇଛି।

ଜଳସେଚନ ବିଭାଗର ଇଞ୍ଜିନିୟରିଂ କ୍ୟାଡ଼ର ପୁନର୍ଗଠନ ବେଳେ ମୁଖ୍ୟଯନ୍ତ୍ରୀ, ମେଗା ଲିଫ୍ଟ ଭୁବନେଶ୍ୱରଙ୍କ ଅଧୀନରେ ବ୍ରହ୍ମପୁରରେ (ନୂଆ), ଭୁବନେଶ୍ୱର, ବୁର୍ଲା( ନୂଆ) ସମ୍ବଲପୁରରେ ୪ ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ପାଞ୍ଚ ନିର୍ବାହୀ ଯନ୍ତ୍ରୀ, ୫୩ ସହକାରୀ ଯନ୍ତ୍ରୀ ରହିବା ପ୍ରାବଧାନ ଥିଲା। ତଥାପି ନବରଙ୍ଗପୁର ଜିଲାରେ ମେଗା ଲିଫ୍ଟ ଜଳସେଚନ ବିଭାଗର କୌଣସି କାର୍ଯ୍ୟାଳୟ ନ ଖୋଲିବା ଦୁର୍ଭାଗ୍ୟଜନକ। ଏନେଇ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀଙ୍କୁ ପଚାରିବାରୁ ଏ ନେଇ ଅବଗତ ନାହିଁ। ବିଧାନସଭାରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

ମୃତଦେହ, ସାପକୁ ଧରି ଡାକ୍ତରଖାନା ଗଲେ ପରିବାର ଲୋକ

**ରାଇଘର, ୨୯।୭(କିରଣ ପଟ୍ଟନାୟକ)**

ସାପ କାମୁଡ଼ାରେ ନାବାଳିକା ମୃତ, ମୃତ ଦେହ ଓ କାମୁଡ଼ିଥିବା ସାପକୁ ମଟର ସାଇକେଲ ରେ ଧରି ମେଡିକାଲ ପହଞ୍ଚିଲେ ପରିବାର ଲୋକ। ଏଭଳି ଘଟଣା ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁରାବେଡ଼ା ଗ୍ରାମରେ ଦେଖିବାକୁ ମିଳିଛି।

କୁରବେଡ଼ା ଗ୍ରାମର ସିନାଦୁ ଗଣ୍ଡଙ୍କ ଝିଅ ରଶ୍ମିତା (୧୦) ଖାଇ ସାରି ଶୋଇଥିଲେ। ସକାଳେ ଝିଅକୁ ପରିବାର ଲୋକେ ଉଠାଇଥିଲେ ମଧ୍ୟ ସେ ଉଠି ନ ଥିଲେ। ରଶ୍ମିତାଙ୍କ ମୃତ୍ୟୁ ହୋଇଯାଇଥିବା ପରିବାର ଲୋକେ ଜାଣିପାରିଥିଲେ। ଏହି ସମୟରେ ଘର ଭିତରେ ଗୋଟିଏ ସାପ ଶୋଇଥିବା ସେମାନେ ଦେଖିଥିଲେ। ସାପ କାମୁଡ଼ାରେ ରଶ୍ମିତାଙ୍କ ମୃତ୍ୟୁ ହୋଇଯାଇଥିବା ସନ୍ଦେହ କରି ସାପଟିକୁ ପିଟିପିଟି ମାରିଦେଇଥିଲେ। ରଶ୍ମିତାଙ୍କ ମୃତଦେହ ଓ ମଲା ସାପଟିକୁ ନେଇ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଡାକ୍ତର ସେଠାରେ ରଶ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ରାଇଘର ପୋଲିସ କେସ୍ ନଂ ୫୭/୨୪ରେ ଏକ ଅପମୃତ୍ୟୁ ମାମଲ ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଲକିଗୁଡ଼ା ଗାଁରେ ସଶସ୍ତ୍ର ଡକାୟତି

ଘରେ ଜୋର ଜବରଦସ୍ତ ପଶି ୪ ତୋଳା ସୁନା ଲୁଟି ନେଲେ ମୁଖା ପିନ୍ଧା ଦୁର୍ବୃତ୍ତ

**ତେନ୍ତୁଳିଖୁଣ୍ଟି, ୨୯।୭(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଥାନା ଲକିଗୁଡ଼ା ଗ୍ରାମର ହରିହର ନାୟକଙ୍କ ଘରେ ୧୦ରୁ୧୧ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଜବରଦସ୍ତ କବାଟ ଭାଙ୍ଗି ଘରେ ପଶି ଡକାୟତି କରିଥିବା ଅଭିଯୋଗ ହୋଇଛି। ସେମାନେ ପ୍ରାୟ ୪ ତୋଳା ସୁନା ନେଇଯାଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ଯାଞ୍ଚ କରିଛି। ଏସ୍‌ପି ରୋହିତ ବର୍ମା ଘଟଣା ସ୍ଥଳରେ ପହଞ୍ଚି ଥିଲେ। ପୋଲିସ କେସ୍ ନମ୍ବର ୧୧୬/୨୪ରେ ମାମଲା ରୁଜୁ କରିଥିବା ଏସ୍ଆଇ ମହେଶ୍ୱର ଭୂର୍ଭୂରେ କହିଛନ୍ତି। ଏସ୍‌ଡିପିଓ ଶରତ ଚନ୍ଦ୍ର ଭତ୍ରା ତଦନ୍ତ ଜୋରଦାର କରୁଛନ୍ତି। ବର୍ତ୍ତମାନ ଆଖ ପାଖ ଅଞ୍ଚଳରେ ଚୋରୀ ବୃଦ୍ଧି ପାଇଛି। ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳରେ କନ୍ଦେଇମୁଣ୍ଡାରେ ଦୋକାନ ଘରୁ ଚୋରି ହୋଇଥିଲା। ମାଉସୀମା କଲୋନୀରେ ଜଣେ ଲୋକ ଖାଇବାକୁ ମାଗିଥିଲେ। ଘର ମାଲିକ ଭିତରକୁ ଖାଇବା ଆଣିବାକୁ ଯାଇଥିବାବେଳେ ମୋବାଇଲ ଧରି ଚମ୍ପଟ୍ ହୋଇଥିବା ଘଟଣା ନଜିର ରହିଛି। ସହରରେ ଯାଯାବରଙ୍କ ସଂଖ୍ୟା ବଢ଼ିଛି। ଯାହାକି ଚୋରି ବୃଦ୍ଧିର କାରଣ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଷ୍ଟାଫ୍ କମ୍ ନାମରେ ପୋଲିସ ପାଟ୍ରୋଲିଂ କମୁଥିବା ମଧ୍ୟ କେତେଜଣ ବୁଦ୍ଧିଜୀବୀ ମତ ଦେଇଛନ୍ତି।



ନବରଙ୍ଗପୁର ଜିଲା ଡାବୁଗାଁ ସ୍ଥିତ କେଲିଆ ଶୈବପୀଠରେ ଝାଡେଶ୍ୱର ମହାଦେବଙ୍କୁ ଜଳଲାଗି କରିବାକୁ ଆସିଥିବା କାଉଡିଆମାନେ ।

## ଜଳାଭିଷେକ କଲେ ୨୦ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ

**ଡାବୁଗାଁ, ୨୯।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଶ୍ରାବଣ ମାସର ୨ୟ ସୋମବାରରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବ ପୀଠରେ ସକାଳୁ ବୋଲ ବମ୍ ଭକ୍ତଙ୍କ ଭିଡ଼ ଜମିଥିଲା। ଭୋରରୁ ୩ ଟାରେ କେଲିଆ ଶୈବ ପୀଠରେ ଭକ୍ତମାନେ ପହଞ୍ଚି ଧାଡ଼ି ବାନ୍ଧି ବାବା ଝାଡ଼େଶ୍ୱର ମହାଦେବଙ୍କ ଉପରେ ଜଳାଭିଷେକ ସହ ପୂଜାର୍ଚ୍ଚନା କରିଥିଲେ। ଶାନ୍ତି ଶୃଙ୍ଖଳାର ସହ କାଉଡିଆମାନେ ମହାଦେବଙ୍କ ଜଳ ଲାଗି ସହ ଦର୍ଶନ କରିଥିଲେ। ଏଠାରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏହା ସହ ଡାବୁଗାଁ, ବିରିସୋଲା, ଜୁନାପାଣି ଶିବ ମନ୍ଦିରରେ ମଧ୍ୟ କାଉଡ଼ିଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

## ଯୁବକଙ୍କ ଆତ୍ମହତ୍ୟା

**ଖଲ୍ଲିକୋଟ,୨୯।୭(ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଏନ୍ଏସିର ୫ନଂ. ୱାର୍ଡ ନୂଆସାହିର ସୁନୀଲ କୁମାର ଦାସ ଆତ୍ମହତ୍ୟା କରିଛନ୍ତି। ଘରେ କୌଣସି କାରଣକୁ ନେଇ ସୁନୀଲ ବିଷ ପିଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖଲ୍ଲିକୋଟ ଥାନା ଏସଆଇ ପାର୍ଥ ପ୍ରତିମ ଦେବତା, ଏଏସଆଇ ହରିକୃଷ୍ଣ ସାମଲ ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି। ନଂ. ୧୭/୨୪ ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶିଖିଲେ କୌଶଳ, ଦେଲେ ପରିବେଶ ସୁରକ୍ଷା ବାର୍ତ୍ତା



ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଛାତ୍ରୀଛାତ୍ରଙ୍କ ସହ ଅତିଥି ଭୋଜନ କରୁଛନ୍ତି।

**ନବରଙ୍ଗପୁର,୨୯।୭ (ସଦାଶିବ ପ୍ରହରାଜ)**

- ସରିଲା ଶିକ୍ଷା ସପ୍ତାହ
- ଶେଷ ଦିବସରେ ଅତିଥି ଭୋଜନ

ଜିଲାର ସମସ୍ତ ୧୬୧୮ ପ୍ରାଥମିକ ଓ ୫୩୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୮୧ ହାଇସ୍କୁଲରେ ଶିକ୍ଷା ସପ୍ତାହ ପାଳନ କରାଯାଉଥିଲା। ସପ୍ତମ ତଥା ଉଦ୍‌ଯାପନୀ ଦିବସରେ ସୋମବାର ଗୋଷ୍ଠି ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ସମେତ ଅତିଥି, ଅଭିଭାବକ, ଡିଇଓ ଅତିଥି ଭୋଜନରେ ଯୋଗଦେଇ ଶିକ୍ଷାର ବିକାଶ ଦିଗରେ ଭାବ ବିନିମୟ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷା ସପ୍ତାହ କିଭଳି ପାଳନ ହେଉଛି ତାହା ଅନୁଧ୍ୟାନ କରିବା ସହ ନିଜେ ପିଲାମାନଙ୍କ ସହ ଅତିଥି ଭୋଜନରେ ସାମିଲ ହୋଇଛନ୍ତି। ପ୍ରକାଶ ଯେ, ଚଳିତ ବର୍ଷ ଶିକ୍ଷା ସପ୍ତାହ ପ୍ରଥମ ଦିନରେ ଶିକ୍ଷା ଉପକରଣ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା। ୫ ଦିନ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ପରେ ଷଷ୍ଠ ଦିବସରେ ଶିକ୍ଷାର ଜ୍ଞାନ କୌଶଳ ସହିତ ସ୍କୁଲରେ ଛାତ୍ରୀଛାତ୍ର ଚାରାରୋପଣ କରିଛନ୍ତି। ପରିବେଶ ସୁରକ୍ଷା ବାର୍ତ୍ତା ଦେଇ ଛାତ୍ରୀଛାତ୍ର ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଥିଲେ।

## ଝାଡ଼ାବାନ୍ତିରେ ୨ ଆକ୍ରାନ୍ତ

**ପାପଡ଼ାହାଣ୍ଡି, ୨୯।୭ (ସ୍ୱପ୍ନଜିତ ପଟ୍ଟନାୟକ)**



ଡାକ୍ତରଖାନାରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ ଝାଡ଼ାବାନ୍ତି ଆକ୍ରାନ୍ତ ସୋମବାର ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ସେମଳା ପଞ୍ଚାୟତ ଡୁମରିପଦର ଗ୍ରାମର ରେବତୀ ପୂଜାରୀ(୨୫) ଓ ମଇଦଲପୁର ପଞ୍ଚାୟତ କାକୁଡ଼ିଆମର ପ୍ରେମା ସତନାମୀ(୪୦)। ଗତ ରାତିରେ ରେବତୀ ଓ ପ୍ରେମା ରାତ୍ରି ଭୋଜନ କରିଥିଲେ। ହଠାତ୍ ବିଳମ୍ବିତ ରାତିରେ ସେମାନଙ୍କ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ସକାଳେ ଅଧିକ ଗୁରୁତର ହେବାରୁ ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି।

## ଖାଲଖମା ଭର୍ତ୍ତି, ଜମୁଛି ପାଣି

**ଗୁଲିପାଟଣା ସାହି ରାସ୍ତା**

**ଉମରକୋଟ, ୨୯।୭ (ସନ୍ତୋଷ ଶତପଥୀ)**

ନବରଙ୍ଗପୁର ଜିଲା ଉମରକୋଟ ସହରର ୧୦ ନମ୍ବର ୱାର୍ଡ ମୁଖ୍ୟ ରାସ୍ତାରେ ଖାଲଖମା ଭରି ରହିଛି। ଫଳରେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁଲିପାଟଣା ସାହିର ଲୁଲୁ ପଟ୍ଟନାୟକଙ୍କ ଘର ଠାରୁ ଏସବିଆଇର କିଓସ୍କ ଶାଖା ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ରାସ୍ତାରେ ଶହଶହ ଗାତ ରହିଛି। ଲୋକେ ଏହି ରାସ୍ତା ଦେଇ ଯିବା ଆସିବ ପାଇଁ ପସନ୍ଦ କରୁନାହାନ୍ତି। ଦୀର୍ଘ ବର୍ଷ ହେଲା ଏହି ରାସ୍ତାର ମରାମତି କାର୍ଯ୍ୟ ହୋଇ ନ ଥିବା ସାହି ବାସୀ ଅଭିଯୋଗ କରିଛନ୍ତି। ସହରର ସବୁ ସାହିରେ ପରିଷଦ ପକ୍ଷରୁ ଫେବର ରାସ୍ତା କାମ ହେଉ ଥିବା ବେଳେ ଏହି ରାସ୍ତା କୁ କାହିଁକି ପୌର ପରିଷଦ ନଜର ପଡୁନାହିଁ ବୋଲି ସାହିବାସୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ଏଠାରେ ନୂତନ ରାସ୍ତା ନିର୍ମାଣ କିମ୍ବା ଏହି ରାସ୍ତା ମରାମତି ପାଇଁ ସାହି ବାସୀ ଦାବି କରିଛନ୍ତି। ରାସ୍ତା ସମ୍ପର୍କରେ ନୂତନ ଭାବେ ଯୋଗ ଦେଇଥିବା ନର୍ବାହୀ ଅଧିକାରୀ ବନମାଳି ଶତପଥୀଙ୍କୁ ପଚାରିବାରୁ ରାସ୍ତା ଦୂରାବସ୍ଥା ସମ୍ପର୍କରେ ଏବେ ଜାଣିବାକୁ ପାଇଲି। ନିଜେ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବା ସହ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯାହା ଆବଶ୍ୟକ ତାହା କରାଯିବ ବୋଲି ସେ କହିଛନ୍ତି।



## ଛାତ୍ରୀଛାତ୍ରଙ୍କ ବିକାଶର ମାଧ୍ୟମ ସାଜିଛି ରେଡ଼କ୍ରସ୍

**ନବରଙ୍ଗପୁର,୨୯।୭(ସଦାଶିବ ପ୍ରହରାଜ)**




କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ୱାଇଆର୍‌ସିର ନବରଙ୍ଗପୁର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ**

ନବରଙ୍ଗପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ୍ (ୱାଇଆର୍‌ସି)ର ଜିଲାସ୍ତରୀୟ ସମାବେଶ ଆୟୋଜିତ ହୋଇଛି। ଜିଲାର ୪୭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ୧୩ ସ୍ନାତକ ମହାବିଦ୍ୟାଳୟରୁ ପ୍ରାୟ ୮୫ଜଣ ଅଧ୍ୟକ୍ଷ ଓ କାଉନସିଲର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଯୋଗଦେଇ ୱାଇଆର୍‌ସି ନିଶ୍ଚିତ ଛାତ୍ରୀଛାତ୍ରଙ୍କୁ ସମାଜସେବା ଆଡ଼କୁ ନେବ ବୋଲି କହିଥିଲେ। ଜିଲା ରକ୍ତଭଣ୍ଡାରର ସୂଚନା ସଂଗ୍ରହକରି ବିଭିନ୍ନ ମହାବିଦ୍ୟାଳୟରେ ରକ୍ତଦାନ ଶିବିର କରିବାକୁ ସେ ପରାମର୍ଶ ଦେଇଥିଲେ। ରେଡ୍‌କ୍ରସ୍‌ର ଆଜୀବନ ସଦସ୍ୟ ତଥା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ କଲେଜ ସ୍ତରରେ ସମାଜ ସେବାରେ ରେଡ୍‌କ୍ରସ୍‌ର ଭୂମିକା ଉପରେ କହିଥିଲେ। ଏଥିସହ ସମାଜସେବା ପାଇଁ ସମସ୍ତ ପ୍ରକାର ସହଯୋଗ ସବୁବେଳେ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପାଠପଢ଼ା ସହ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ବିକାଶ କରିବା ପାଇଁ ରେଡ୍‌କ୍ରସ୍ ଏକ ଉଚିତ ମାଧ୍ୟମ ବୋଲି ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ମତ ଦେଇଥିଲେ। ଜିଲା ଆପତ୍‌କାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲା ରେଡ୍‌କ୍ରସ୍ ସର୍ବଦା ସହଯୋଗର ହାତ ବଢ଼ାଇବ ବୋଲି କହିଥିଲେ। ଅତିଥିମାନେ 'ପ୍ରତିଅନୁଷ୍ଠାନରେ ଗୋଟିଏ ବରଗଛ ଅଭିଯାନ'ର ଉଦ୍‌ଘାଟନ କରିବା ସହ ୨ଟି ବରଗଛ ଲଗାଇଥିଲେ।

ରାଜ୍ୟ ଓ ଦେଶରେ ପ୍ରକଳ୍ପର ପ୍ରସାର ସହ ଜିଲା ରେଡ୍‌କ୍ରସ୍‌ର କାମକୁ ଜାତୀୟସ୍ତରରେ ପହଞ୍ଚାଇବା ପାଇଁ କାର୍ଯ୍ୟ କରାଯାଉଛି ବୋଲି ରେଡ୍‌କ୍ରସ୍ ଜିଲା ଆବାହକ ଦିଲୀପ କୁମାର ହୋତା କହିଥିଲେ। କଲେଜସ୍ତରରେ ରେଡ୍‌କ୍ରସ୍‌କୁ ସକ୍ରିୟ କରିବା ସହ ଆଗାମୀ ଦିନରେ ଯୁବ ରେଡ୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରେଡ୍‌କ୍ରସ୍ ଜିଲା ସଂଯୋଜକ ଅଖିଳ କୁମାର ଭଞ୍ଜ ସୂଚନା ଦେଇଥିଲେ। ଅଧାପକ ଶମ୍ଭୁପ୍ରସାଦ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଯୁବ କାଉନସିଲର ଅଧାପିକା ରଜନୀ ମିଞ୍ଜ, ନିର୍ମଳା ହିକ୍‌କା ଓ ଅଶ୍ୱିନୀ ବେହେରା ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ଥିଲେ। ଅଶୋକ ପାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାଉନସିଲର ଅଧାପିକା ରଜନୀ ମିଞ୍ଜ ଧନ୍ୟବାଦ ଦେଇଥିଲେ। ପ୍ରଶାନ୍ତ ମିଶ୍ର,ସାଇ, ସୀତାରାମ, ବନମାଳୀ, ରାଜନ୍ ତ୍ରିପାଠୀ, ଗୋବିନ୍ଦ ପ୍ରମୁଖ ସହଯୋଗ କରିଥିଲେ।

